रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ଵାରା ପ୍ରକାଶିତ

No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2
ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2

## MINISTRY OF LAW AND JUSTICE

### (Legislative Department)

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ପୋଲିସ ଅଧିନିୟମ, 1861

**1861ର ଅଧିନିୟମ ସଂ 5**

ପୋଲିସ ବାହିନୀର ବିନିୟମନ ନିମିତ୍ତ ଏକ ଅଧିନିୟମ

[22 ମାର୍ଚ୍ଚ, 1861]

ଉଦ୍ଦେଶିକା

ଯେହେତୁ ପୋଲିସ ବାହିନୀକୁ ପୁନର୍ଗଠିତ କରିବା ଏବଂ ଅପରାଧର ନିବାରଣ ଓ ସନ୍ଧାନ ନିମିତ୍ତ ଏହାକୁ ଅଧିକତର ଦକ୍ଷ କରାଇବା ସମୀଚୀନ ଅଟେ; ତେଣୁ ନିମ୍ନମତେ ଅଧିନିୟମିତ ହେଲା : —

ବ୍ୟାଖ୍ୟା ଖଣ୍ଡ

**1.** ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧାତ୍ମକ ବିଷୟ ନ ଥିଲେ ଏହି ଅଧିନିୟମରେ ନିମ୍ନଲିଖିତ ଶବ୍ଦ ଓ ପଦଗୁଡ଼ିକର ଅର୍ଥ, ସେଗୁଡ଼ିକୁ ପ୍ରଦତ୍ତ ହୋଇଥିବାମତେ ହେବ:—

"ଜିଲାର ମାଜିଷ୍ଟ୍ରେଟ" ଶବ୍ଦାବଳୀର ଅର୍ଥ କୌଣସି ଜିଲାର କାର୍ଯ୍ୟପାଳକ ପ୍ରଶାସନ ଭାରରେ ଥିବା ଓ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରୟୋଗ କରୁଥିବା ଏବଂ ଯେ କୌଣସି ପଦ ନାମରେ ଅଭିହିତ ହୋଇଥିବା ମୁଖ୍ୟ ଅଧିକାରୀ :

ସାଧାରଣ ପୋଲିସ ଜିଲାରେ ମାଜିଷ୍ଟ୍ରେଟଙ୍କର ସମସ୍ତ ବା କୌଣସି କ୍ଷମତା ପ୍ରୟୋଗ କରୁଥିବା ସମସ୍ତ ବ୍ୟକ୍ତି "ମାଜିଷ୍ଟ୍ରେଟ" ଶବ୍ଦର ଅନ୍ତର୍ଗତ ଅଟନ୍ତି :

ସେହି ବ୍ୟକ୍ତିମାନେ "ପୋଲିସ" ଶବ୍ଦର ଅନ୍ତର୍ଗତ ଅଟନ୍ତି ଯେଉଁମାନେ କି ଏହି ଅଧିନିୟମ ଅନୁଯାୟୀ ନାମଭୁକ୍ତ ହେବେ :

"ସାଧାରଣ ପୋଲିସ ଜିଲା" ଶବ୍ଦାବଳୀ ଯେଉଁ ପ୍ରେସିଡ଼େନ୍ସି, ରାଜ୍ୟ ବା ସ୍ଥାନରେ, କିମ୍ବା କୌଣସି ପ୍ରେସିଡ଼େନ୍ସି, ରାଜ୍ୟ ବା ସ୍ଥାନର ଯେଉଁ ଭାଗରେ ଏହି ଅଧିନିୟମ କାର୍ଯ୍ୟକାରୀ ହେବ ବୋଲି ଆଦେଶ ଦିଆଯାଇପାରେ, ତାହାକୁ ଅନ୍ତର୍ଗତ କରିବ :

ଏହି ଅଧିନିୟମ ଅନୁଯାୟୀ କୌଣସି ଜିଲାରେ ଜଣେ ଜିଲା ପୋଲିସ ଅଧୀକ୍ଷକଙ୍କର ସମସ୍ତ ବା କୌଣସି କର୍ତ୍ତବ୍ୟ ପାଳନ କରିବାକୁ ରାଜ୍ୟ ସରକାରଙ୍କର ସାଧାରଣ ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା ନିଯୁକ୍ତ କୌଣସି ସହାୟକ ଜିଲା ଅଧୀକ୍ଷକ ବା ଅନ୍ୟ ବ୍ୟକ୍ତିଙ୍କୁ "ଜିଲା ଅଧୀକ୍ଷକ" ଓ "ଜିଲା ପୋଲିସ ଅଧୀକ୍ଷକ" ଶବ୍ଦାବଳୀ ଅନ୍ତର୍ଗତ କରିବ :

ଅସ୍ଥାବର ସଂପତ୍ତି, ଧନ ବା ମୂଲ୍ୟବାନ ପ୍ରତିଭୂତିକୁ "ସଂପତ୍ତି" ଶବ୍ଦ ଅନ୍ତର୍ଗତ କରିବ :

ଏକ କଂପାନି ବା ନିଗମକୁ "ବ୍ୟକ୍ତି" ଶବ୍ଦ ଅନ୍ତର୍ଗତ କରିବ :

"ମାସ" ଶବ୍ଦର ଅର୍ଥ ଏକ ପଞ୍ଜିକା ମାସ;

ଶିଂଘଥିବା ପଶୁ ସମେତ ହାତୀ, ଓଟ, ଘୋଡ଼ା, ଗଧ, ଖଚର, ମେଣ୍ଢା, ଛେଳି ଓ ଘୁଷୁରିକୁ "ଗବାଦି ପଶୁ" ଶବ୍ଦ ଅନ୍ତର୍ଗତ କରିବ ।

ପୋଲିସ ବାହିନୀର ଅଧସ୍ତନ ପାହ୍ୟାର ଉଲ୍ଲେଖ ଉପଅଧୀକ୍ଷକ ପାହ୍ୟାର ତଳିଆ ହୋଇଥିବା ସେହି ବାହିନୀର ବ୍ୟକ୍ତିମାନଙ୍କ ସଂପର୍କରେ ଉଲ୍ଲେଖ ବୋଲି ଅର୍ଥ କରାଯିବ ।

ବାହିନୀର ଗଠନ

**2.** ଏକ ରାଜ୍ୟ ସରକାରର ଅଧୀନ ସମଗ୍ର ପୋଲିସ ପ୍ରତିଷ୍ଠାନ, ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ, ଗୋଟିଏ ପୋଲିସ ବାହିନୀ ବୋଲି ବିବେଚିତ ହେବ, ଏବଂ ଯଥାରୀତି ନାମଭୁକ୍ତ ହେବ; ଏବଂ ରାଜ୍ୟ ସରକାର ସମୟାନୁକ୍ରମେ ଯେପରି ଆଦେଶ ଦେବେ ତଦନୁଯାୟୀ ସେପରି ସଂଖ୍ୟକ ଅଧୀକାରୀ ଓ ବ୍ୟକ୍ତିଙ୍କୁ ଘେନି ଓ ସେପରି ରୀତିରେ ଗଠିତ ହେବ ।

ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ କୌଣସି ପୋଲିସ ବାହିନୀର ଅଧସ୍ତନ ପାହ୍ୟାର ବ୍ୟକ୍ତିମାନଙ୍କ ବେତନ ଓ ସମସ୍ତ ଅନ୍ୟ ସେବା ସର୍ତ୍ତ ରାଜ୍ୟ ସରକାର ଅବଧାରଣ କରିବା ମତେ ହେବ ।

ରାଜ୍ୟସରକାରଙ୍କ ଅଧୀକ୍ଷଣ ।

**3.** ଏକ ସାଧାରଣ ପୋଲିସ ଜିଲାରେ ପୋଲିସର ଅଧୀକ୍ଷଣ, ସେହି ଜିଲା ଯେଉଁ ରାଜ୍ୟ ସରକାରଙ୍କ ଅଧୀନସ୍ଥ ହୋଇଥାଏ ସେହି ରାଜ୍ୟ ସରକାରଙ୍କଠାରେ ନିହିତ ହେବ ଓ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୟୋଗ କରାଯିବ; ଏବଂ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ଯେପରି ପ୍ରାଧିକୃତ ହୋଇଛି ତାହା ବ୍ୟତିରେକେ, କୌଣସି ବ୍ୟକ୍ତି, ଅଧିକାରୀ ବା ନ୍ୟାୟାଳୟ କୌଣସି ପୋଲିସ କର୍ମକର୍ତ୍ତାଙ୍କୁ ଅତିକ୍ରମଣ କରିବାକୁ ବା ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପନ୍ନ ହେବେ ନାହିଁ ।

ପୋଲିସ ମହାନିରୀକ୍ଷକ ଇତ୍ୟାଦି ।

**4.** ଏକ ସାଧାରଣ ପୋଲିସ ଜିଲାରେ ପୋଲିସର ପ୍ରଶାସନ, ପୋଲିସ ମହାନିରୀକ୍ଷକ ନାମରେ ଅଭିହିତ ଜଣେ ଅଧିକାରୀଙ୍କଠାରେ, ଏବଂ ରାଜ୍ୟ ସରକାର ଉପଯୁକ୍ତ ବିବେଚନା କରୁଥିବା ଉପ-ମହାନିରୀକ୍ଷକ ଓ ସହାୟକ ମହାନିରୀକ୍ଷକଙ୍କଠାରେ ନିହିତ ହେବ ।

ଜିଲାର ମାଜିଷ୍ଟ୍ରେଟଙ୍କ ସମଗ୍ର ସ୍ଥାନୀୟ ଅଧିକାରିତା ମଧ୍ୟରେ ପୋଲିସର ପ୍ରଶାସନ, ସେହି ମାଜିଷ୍ଟ୍ରେଟଙ୍କ ସାଧାରଣ ନିୟନ୍ତ୍ରଣ ଓ ନିର୍ଦ୍ଦେଶର ଅଧୀନରେ, ଜଣେ ଜିଲା ଅଧୀକ୍ଷକଙ୍କଠାରେ ଏବଂ ରାଜ୍ୟ ସରକାର ଆବଶ୍ୟକ ବୋଲି ବିଚାର କରିବା ମତେ ସହାୟକ ଜିଲା ଅଧୀକ୍ଷକଙ୍କଠାରେ ନିହିତ ହେବ ।

ମହାନିରୀକ୍ଷକଙ୍କ କ୍ଷମତା । କ୍ଷମତାର ପ୍ରୟୋଗ ।

**5.** ପୋଲିସ ମହାନିରୀକ୍ଷକଙ୍କର ସାଧାରଣ ପୋଲିସ ଜିଲା ମଧ୍ୟରେ ଜଣେ ମାଜିଷ୍ଟ୍ରେଟଙ୍କର ପୂର୍ଣ୍ଣ କ୍ଷମତା ରହିବ; ମାତ୍ର ରାଜ୍ୟ ସରକାର ସମୟାନୁକ୍ରମେ ଯେଉଁ ପରିସୀମା ଆରୋପିତ କରିବେ ସେହି ପରିସୀମା ପ୍ରତି ସାପେକ୍ଷ ହୋଇ ସେ ସେହି କ୍ଷମତା ପ୍ରୟୋଗ କରିବେ ।

**6.** ନିରସିତ

ନିମ୍ନ ଅଧୀକାରୀମାନଙ୍କ ନିଯୁକ୍ତି ବରଖାସ୍ତ ଇତ୍ୟାଦି ।

**7.** ସଂବିଧାନର ଅନୁଚ୍ଛେଦ **311**ରେ ଉପବନ୍ଧଗୁଡ଼ିକ ପ୍ରତି ଏବଂ ରାଜ୍ୟ ସରକାର ଏହି ଅଧିନିୟମ ଅନୁଯାୟୀ ସମୟାନୁକ୍ରମେ ଯେଉଁ ନିୟମାବଳୀ ପ୍ରଣୟନ କରିବେ ସେହି ନିୟମାବଳୀ ପ୍ରତି ସାପେକ୍ଷ ହୋଇ ପୋଲିସଙ୍କର ମହାନିରୀକ୍ଷକ, ଉପମହାନିରୀକ୍ଷକ, ସହାୟକ ମହାନିରୀକ୍ଷକ ଓ ଜିଲା ଅଧୀକ୍ଷକମାନେ ଅଧସ୍ତନ ପାହ୍ୟାର ଯେଉଁ ପୋଲିସ ଅଧିକାରୀଙ୍କୁ, ତାଙ୍କ କର୍ତ୍ତବ୍ୟ କରିବାରେ ନିର୍ବାହ ଶୀଥିଳ ବା ଅବହେଳା ପରାୟଣ କିମ୍ବା ସେଥି ନିମିତ୍ତ ଅନୁପଯୁକ୍ତ ମନେ କରନ୍ତି ସେହି ପୋଲିସ ଅଧିକାରୀଙ୍କୁ ଯେ କୌଣସି ସମୟରେ ବରଖାସ୍ତ କରିପାରିବେ, ନିଲମ୍ବିତ କରିପାରିବେ ବା ତଳ ପାହ୍ୟାକୁ ଖସାଇ ଦେଇ ପାରିବେ;

କିମ୍ବା ଅଧସ୍ତନ ପାହ୍ୟାର ଯେଉଁ ପୋଲିସ ଅଧିକାରୀ ତାଙ୍କର କର୍ତ୍ତବ୍ୟ ଯତ୍ନହୀନ ଭାବରେ ବା ଅବହେଳା ପରାୟଣ ଭାବରେ ନିର୍ବାହ କରନ୍ତି, କିମ୍ବା ଯେ ନିଜର କୌଣସି କାର୍ଯ୍ୟ ଦ୍ୱାରା ତାହାର ନିର୍ବାହ ନିମିତ୍ତ ନିଜକୁ ଅନୁପଯୁକ୍ତ କରନ୍ତି ସେହି ପୋଲିସ ଅଧିକାରୀ ପ୍ରତି ନିମ୍ନଲିଖିତ ଏକ ବା ଅଧିକ ଦଣ୍ଡ ବିଧାନ କରିପାରିବେ:—

(କ) ଏକ ମାସର ବେତନରୁ ଅଧିକ ହୋଇ ନଥିବା ପରିମାଣ ପର୍ଯ୍ୟନ୍ତ ଜୋରିମାନା;

(ଖ) ଦଣ୍ଡଡ୍ରିଲ, ଅଧିକା ଗାର୍ଡ, ପରିଶ୍ରମ ବା ଅନ୍ୟ କର୍ତ୍ତବ୍ୟ ସହ ବା ବିନା ପନ୍ଦର ଦିନରୁ ଅଧିକ ହୋଇ ନଥିବା କୌଣସି ଏକ ଅବଧି ନିମିତ୍ତ ସରକାରୀ ବାସଗୃହରେ ପରିରୋଧ;

(ଗ) ଉତ୍ତମ ଆଚରଣ ବେତନରୁ ବଂଚିତକରଣ;

(ଘ) କୌଣସି ବିଶିଷ୍ଟ ପଦରୁ ବା ବିଶେଷ ଉପଲବ୍ଧି ବିଶିଷ୍ଟ ପଦରୁ ଅପସାରଣ ।

ପୋଲିସ ଅଧିକାରୀଙ୍କୁ ପ୍ରମାଣପତ୍ର ।

**8.** ଧାରା 4 ରେ ବର୍ଣ୍ଣିତ ଜଣେ ଅଧିକାରୀଙ୍କ ବ୍ୟତୀତ ପୋଲିସ ବାହିନୀରେ ନିଯୁକ୍ତ ପ୍ରତ୍ୟେକ ପୋଲିସ ଅଧିକାରୀ ତାଙ୍କର ନିଯୁକ୍ତି ସମୟରେ ପୋଲିସ ମହାନିରୀକ୍ଷକଙ୍କର ବା ଅନ୍ୟ ଯେଉଁ ଅଧିକାରୀଙ୍କୁ ମହାନିରୀକ୍ଷକ ନିଯୁକ୍ତ କରନ୍ତି ସେହି ଅଧିକାରୀଙ୍କର ମୋହର ଥାଇ ଏହି ଅଧିନିୟମ ସଂଲଗ୍ନ ଫାରମରେ ଏକ ପ୍ରମାଣପତ୍ର ପାଇବେ, ଯାହା ବଳରେ ସେହି ପ୍ରମାଣପତ୍ର ଧାରଣ କରୁଥିବା ବ୍ୟକ୍ତିଙ୍କଠାରେ ଜଣେ ପୋଲିସ ଅଧିକାରୀଙ୍କର କ୍ଷମତା, କୃତ୍ୟ ଓ ବିଶେଷାଧିକାର ନିହିତ ହେବ ।

ପ୍ରମାଣପତ୍ରର ଅଭ୍ୟର୍ପଣ ।

ଯେବେ ସେହି ପ୍ରମାଣପତ୍ରରେ ନାମିତ ବ୍ୟକ୍ତି କୌଣସି କାରଣରୁ ପୋଲିସ ଅଧିକାରୀ ହୋଇ ନ ରହନ୍ତି ତେବେ ସେହି ପ୍ରମାଣପତ୍ରର ଆଉ ପ୍ରଭାବ ରହିବ ନାହିଁ ଏବଂ ସେ ସେପରି ଅଧିକାରୀ ହୋଇ ନ ରହିଲେ ସେହି ପ୍ରମାଣପତ୍ରକୁ ଗ୍ରହଣ କରିବାକୁ କ୍ଷମତାପନ୍ନ ହୋଇଥିବା କୌଣସି ଅଧିକାରୀଙ୍କୁ ତାହା ତୁରନ୍ତ ଅଭ୍ୟର୍ପଣ କରିବେ ।

ଜଣେ ପୋଲିସ ଅଧିକାରୀ ପଦରୁ ନିଲମ୍ବିତ ହେବା କାରଣରୁ ଜଣେ ପୋଲିସ ଅଧିକାରୀ ହେବାରୁ ରହିତ ହେବେ ନାହିଁ । ସେହି ନିଲମ୍ବନ ଅବଧିରେ ଜଣେ ପୋଲିସ ଅଧିକାରୀ ରୂପେ ତାଙ୍କଠାରେ ନିହିତ କ୍ଷମତା, କୃତ୍ୟ ଓ ବିଶେଷାଧିକାର ସ୍ଥଗିତ ରହିବ ମାତ୍ର ସେ ସେହି ଏକା ଦାୟିତ୍ୱ ଓ ଶାସ୍ତିର ଏବଂ ସେହି ଏକା ପ୍ରାଧିକାରର ବଶବର୍ତ୍ତୀ ହୋଇ ରହିବେ, ଯେପରିକି ସେ ନିଲମ୍ବିତ ହୋଇ ନାହାନ୍ତି ।

ପୋଲିସ ଅଧିକାରୀମାନେ ଅନୁମତି ବା ଦୁଇ ମାସିଆ ନୋଟିସ ବ୍ୟତୀତ ଇସ୍ତଫା ଦେବେ ନାହିଁ ।

**9.** ଜଣେ ପୋଲିସ ଅଧିକାରୀ ତାଙ୍କ ପଦରୁ ନିଜକୁ ପ୍ରତ୍ୟାହୃତ କରିବା ପାଇଁ ଜିଲା ଅଧୀକ୍ଷକଙ୍କ ଦ୍ୱାରା ବା ସେହି ଅନୁମତି ଦେବାକୁ ପ୍ରାଧିକୃତ କୌଣସି ଅନ୍ୟ ଅଧିକାରୀଙ୍କ ଦ୍ୱାରା ସ୍ପଷ୍ଟତଃ ଅନୁଜ୍ଞାତ ହୋଇ ନ ଥିଲେ ତାଙ୍କ ପଦରୁ ନିଜକୁ ପ୍ରତ୍ୟାହୃତ କରି ପାରିବେ ନାହିଁ ବା ଯଦି ସେ ଇସ୍ତଫା ଦେବାକୁ ତାଙ୍କ ଅଭିପ୍ରାୟର ଲିଖିତ ନୋଟିସ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଅନ୍ୟୂନ ଦୁଇମାସ କାଳାବଧି ନିମିତ୍ତ ଦେଇ ନ ଥାନ୍ତି ତେବେ ଜିଲା ଅଧୀକ୍ଷକଙ୍କ ଅନୁମତି ବିନା ନିଜ ପଦରୁ ଇସ୍ତଫା ଦେଇ ପାରିବେ ନାହିଁ

ପୋଲିସ ଅଧିକାରୀମାନେ ଅନ୍ୟ ନିୟୋଜନରେ ନିଯୁକ୍ତ ହେବେ ନାହିଁ ।

**10.** କୌଣସି ପୋଲିସ ଅଧିକାରୀ ଏହି ଅଧିନିୟମ ମୁତାବକ ତାଙ୍କର କର୍ତ୍ତବ୍ୟ ଭିନ୍ନ ଅନ୍ୟ କୌଣସି ପ୍ରୟୋଜନ ବା ପଦରେ ନିଯୁକ୍ତ ହେବେ ନାହିଁ ଯଦି ସେ ସେପରି କରିବାକୁ ମହାନିରୀକ୍ଷକଙ୍କ ଦ୍ୱାରା ଲିଖିତ ଭାବରେ ଅନୁମତି ପ୍ରାପ୍ତ ହୋଇ ନ ଥାନ୍ତି ।

**11.** ନିରସିତ

ନିୟମାବଳୀ ପ୍ରଣୟନ କରିବାକୁ ମହାନିରୀକ୍ଷକଙ୍କ କ୍ଷମତା ।

**12.** ପୋଲିସ ମହାନିରୀକ୍ଷକ, ରାଜ୍ୟ ସରକାରଙ୍କ ଅନୁମୋଦନ ପ୍ରତି ସାପେକ୍ଷ ହୋଇ ପୋଲିସ ବାହିନୀର ସଙ୍ଗଠନ, ଶ୍ରେଣୀ ବିନ୍ୟାସ ଓ ବଣ୍ଟନ, କେଉଁ ସ୍ଥାନରେ ବାହିନୀର ବ୍ୟକ୍ତିମାନେ ବାସ କରିବେ, ଏବଂ ସେମାନଙ୍କ ଦ୍ୱାରା ସଂପାଦିତ ହେବା ବିଶିଷ୍ଟ କର୍ତ୍ତବ୍ୟ, ସେମାନଙ୍କର ନିରୀକ୍ଷଣ, ସେମାନଙ୍କୁ ଦିଆଯିବା ଆୟୁଧ, ପୋଷାକ ଓ ଅନ୍ୟ ଆବଶ୍ୟକ ବସ୍ତୁର, ବର୍ଣ୍ଣନା ସେମାନଙ୍କ ଦ୍ୱାରା ଗୁପ୍ତବାର୍ତ୍ତା ଓ ତଥ୍ୟର ସଂଗ୍ରହ ଓ ସଂସୂଚନା ସଂପର୍କରେ ଯେଉଁ ଆଦେଶ ବା ନିୟମାବଳୀ ପ୍ରଣୟନ କରିବାକୁ ସମୀଚୀନ ମନେ କରନ୍ତି, ସମୟାନୁକ୍ରମେ, ସେହି ଆଦେଶ ଓ ନିୟମାବଳୀ; ଏବଂ କର୍ତ୍ତବ୍ୟର ଅପବ୍ୟବହାର ବା ଅବହେଳାକୁ ନିବାରଣ କରିବା ନିମିତ୍ତ, ଏବଂ ନିଜର କର୍ତ୍ତବ୍ୟ ସଂପାଦନରେ ପୋଲିସ ବାହିନୀକୁ ଦକ୍ଷ କରିବା ନିମିତ୍ତ ସେହି ବାହିନୀ ସଂପର୍କରେ ଅନ୍ୟ ଯେଉଁ ଆଦେଶ ବା ନିୟମାବଳୀ ପ୍ରଣୟନ କରିବାକୁ ମହାନିରୀକ୍ଷକ ସମୟାନୁକ୍ରମେ ସମୀଚୀନ ମନେ କରନ୍ତି ସେହି ଆଦେଶ ଓ ନିୟମାବଳୀ ପ୍ରଣୟନ କରି ପାରିବେ ।

ବ୍ୟକ୍ତି ବିଶେଷଙ୍କ ଖର୍ଚ୍ଚରେ ଅତିରିକ୍ତ ପୋଲିସ ଅଧିକାରୀଙ୍କ ନିୟୋଜନ ।

**13.** କୌଣସି ବ୍ୟକ୍ତି ଆବଶ୍ୟକତା ଦର୍ଶାଇ ଦରଖାସ୍ତ କଲେ, ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସାଧାରଣ ନିର୍ଦ୍ଦେଶର ବଶବର୍ତ୍ତୀ ହୋଇ, ସାଧାରଣ ପୋଲିସ ଜିଲାର କୌଣସି ସ୍ଥାନରେ, ଏବଂ ଉଚିତ ବିବେଚିତ ସମୟ ନିମିତ୍ତ, ଶାନ୍ତିରକ୍ଷା କରିବାକୁ ଅତିରିକ୍ତ ସଂଖ୍ୟକ ପୋଲିସ ଅଧିକାରୀଙ୍କୁ ପ୍ରତି ନିଯୁକ୍ତ କରିବା ପୋଲିସ ମହାନିରୀକ୍ଷକ, କିମ୍ବା କୌଣସି ଉପମହାନିରୀକ୍ଷକ ବା ସହାୟକ ମହାନିରୀକ୍ଷକଙ୍କ ପକ୍ଷରେ କିମ୍ବା ଜିଲା ଅଧୀକ୍ଷକଙ୍କ ପକ୍ଷରେ ବିଧିସମ୍ମତ ହେବ । ସେହି ବାହିନୀ ଅନନ୍ୟଭାବେ ଜିଲା ଅଧୀକ୍ଷକଙ୍କ ଆଦେଶାଧୀନ ହେବେ, ଏବଂ ତାହାଙ୍କ ଭାର ଦରଖାସ୍ତ କରିଥିବା ବ୍ୟକ୍ତିଙ୍କ ଉପରେ ରହିବ :

ପରନ୍ତୁ ଯେଉଁ ବ୍ୟକ୍ତିଙ୍କ ଦରଖାସ୍ତକ୍ରମେ ଏହି ରୂପେ ପ୍ରତିନିଯୁକ୍ତ କରା ଯାଇଥାଏ, ସେହି ବ୍ୟକ୍ତିଙ୍କ ପକ୍ଷରେ ମହାନିରୀକ୍ଷକ, ଉପମହାନିରୀକ୍ଷକ ବା ସହାୟକ ମହାନିରୀକ୍ଷକଙ୍କୁ ବା ଜିଲା ଅଧୀକ୍ଷକଙ୍କୁ ମାସିକିଆ ଲିଖିତ ନୋଟିସ ଦେଇ ପୋଲିସ ଅଧିକାରୀଙ୍କୁ ପ୍ରତ୍ୟାହୃତ କରିବାକୁ ଆବଶ୍ୟକ କରିବା ବିଧିସମ୍ମତ ହେବ; ଏବଂ ସେହି ବ୍ୟକ୍ତି ସେପରି ନୋଟିସ ଅବସିତ ହେବାଠାରୁ ସେପରି ଅତିରିକ୍ତ ବାହିନୀର ଭାରରୁ ମୁକ୍ତ ହେବେ ।

ରେଳବାଇ ବା ଅନ୍ୟ କାର୍ଯ୍ୟର ଆଖ ପାଖରେ ଅତିରିକ୍ତ ବାହିନୀର ନିଯୁକ୍ତି ।

**14.** ଦେଶର କୌଣସି ଭାଗରେ ଯେତେବେଳେ କୌଣସି ରେଳବାଇ, କେନାଲ ବା ଅନ୍ୟ ପୂର୍ତ୍ତ ବିଭାଗ କାର୍ଯ୍ୟ ବା କୌଣସି ବିନିର୍ମାଣ ବା ବଣିଜ୍ୟିକ ସଂସ୍ଥା ଗ୍ଲୁ ରହିଥାଏ ବା କାର୍ଯ୍ୟ କରୁଥାଏ ଏବଂ ମହାନିରୀକ୍ଷକଙ୍କୁ ପ୍ରତୀତ ହୁଏ ଯେ ସେହି ପୂର୍ତ୍ତ ବିଭାଗ କାର୍ଯ୍ୟ, ବିନିର୍ମାଣ ବା ସଂସ୍ଥାରେ ନିୟୋଜିତ ଲୋକଙ୍କ ଆଚରଣ ଯୋଗୁଁ ବା ଆଚରଣର ଯୁକ୍ତିଯୁକ୍ତ ଆଶଙ୍କା ଯୋଗୁଁ ସେହି ସ୍ଥାନରେ ଏକ ଅତିରିକ୍ତ ପୋଲିସ ବାହିନୀର ନିୟୋଜନ ଆବଶ୍ୟକ, ସେତେବେଳେ ରାଜ୍ୟ ସରକାରଙ୍କ ସମ୍ମତିକ୍ରମେ ସେହି ସ୍ଥାନକୁ ସେହି ଅତିରିକ୍ତ ବାହିନୀ ପଠାଇବା, ଏବଂ ଆବଶ୍ୟକତା ଥିବା ପର୍ଯ୍ୟନ୍ତ ସେଠାରେ ତାଙ୍କୁ ନିୟୋଜିତ ରଖିବା, ଏବଂ ଏହି ଆବଶ୍ୟକ ଅତିରିକ୍ତ ବାହିନୀକୁ ପ୍ରଦାନ କରିବା ନିମିତ୍ତ, ସେହି କାର୍ଯ୍ୟ ବିନିର୍ମାଣ ବା ସଂସ୍ଥା ଚଳାଇବାରେ ବ୍ୟବହୃତ ନିଧିର ନିୟନ୍ତ୍ରଣ ବା ଅଭିରକ୍ଷାରେ ଥିବା ବ୍ୟକ୍ତିଙ୍କୁ ସମୟାନୁକ୍ରମେ, ଆଦେଶ ଦେବା ମହାନିରୀକ୍ଷକଙ୍କ ପକ୍ଷରେ ବିଧିସମ୍ମତ ହେବ, ଏବଂ ତାପରେ ସେହି ବ୍ୟକ୍ତି ତଦନୁଯାୟୀ ପ୍ରଦାନ କରିବାର ବ୍ୟବସ୍ଥା କରିବେ ।

ଗୋଳମାଳଗ୍ରସ୍ତ ବା ବିପଦଜନକ ଜିଲାରେ ଅତିରିକ୍ତ ପୋଲିସ ମୁତୟନ ।

**15.** (1) ରାଜ୍ୟ ସରକାରଙ୍କ ପକ୍ଷରେ, ସରକାରୀ ଗେଜେଟରେ ଅଧିସୂଚିତ ଉଦ୍‌ଘୋଷଣା ଦ୍ୱାରା, ବା ରାଜ୍ୟ ସରକାର ନିର୍ଦ୍ଦେଶ ଦେବାମତେ ଅନ୍ୟ ରୀତିରେ, ସ୍ୱୀୟ ପ୍ରାଧିକାରର ବଶବର୍ତ୍ତୀ ହୋଇଥିବା କୌଣସି କ୍ଷେତ୍ର ଗୋଳମାଳଗ୍ରସ୍ତ ବା ବିପଦଜନକ ଅବସ୍ଥାରେ ଥିବାର ଦେଖାଯାଉଛି ବୋଲି ଘୋଷଣା କରିବା କିମ୍ବା ସେହି କ୍ଷେତ୍ରର ଅଧିବାସୀମାନଙ୍କର ବା ତନ୍ମଧ୍ୟରୁ କୌଣସି ଶ୍ରେଣୀର ବା ଗୋଷ୍ଠୀର ଆଚରଣ ଯୋଗୁଁ ପୋଲିସ ସଂଖ୍ୟା ବଢାଇବା ସମୀଚୀନ ବୋଲି ଘୋଷଣା କରିବା ରାଜ୍ୟ ସରକାରଙ୍କ ପକ୍ଷରେ ବିଧିସମ୍ମତ ହେବ ।

(2) ତାପରେ ରାଜ୍ୟ ସରକାରଙ୍କ ସମ୍ମତିକ୍ରମେ, ଉପରୋକ୍ତ ଉଦ୍‌ଘୋଷଣାରେ ବିନିର୍ଦ୍ଦିଷ୍ଟ କ୍ଷେତ୍ରରେ ସାଧାରଣ ଭାବରେ ରଖାଯାଇଥିବା ପୋଲିସଙ୍କଠାରୁ ଅଧିକ ପୋଲିସ ବାହିନୀକୁ ନିୟୋଜିତ କରିବା ପୋଲିସ ମହାନିରୀକ୍ଷକଙ୍କ ପକ୍ଷରେ ବା ଏଥିନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଅଧିକାରୀଙ୍କ ପକ୍ଷରେ ବିଧିସମ୍ମତ ହେବ ।

(3) ଏହି ଧାରାର ଉପଧାରା (5) ର ଉପବନ୍ଧଗୁଡ଼ିକର ବଶବର୍ତ୍ତୀ ରହି; ସେହି ଅତିରିକ୍ତ ପୋଲିସ ବାହିନୀର ଖର୍ଚ୍ଚ, ସେହି ଉଦ୍‌ଘୋଷଣାରେ ବର୍ଣ୍ଣିତ କ୍ଷେତ୍ରର ଅଧିବାସୀମାନେ ବହନ କରିବେ ।

(4) ଜିଲା ମାଜିଷ୍ଟ୍ରେଟ ସ୍ୱୀୟ ବିବେଚନାମତେ ଆବଶ୍ୟକ ତଦନ୍ତ ପରେ, ଯେଉଁ ଅଧିବାସୀମାନେ ଉପରୋକ୍ତ ମତେ ଯେଉଁ ଖର୍ଚ୍ଚ ବହନ କରିବାକୁ ଦାୟୀ ହୋଇଥିବେ ଏବଂ ଯେଉଁମାନେ ପରବର୍ତ୍ତୀ ଉପଧାରା ଅନୁସାରେ ଅବ୍ୟାହତି ପାଇ ନଥିବେ ସେହି ଅଧିବାସୀମାନଙ୍କ ମଧ୍ୟରେ ସେହି ଖର୍ଚ୍ଚ ଭାଗ କରିବେ ।ସେହି ଭାଗକରଣ ମାଜିଷ୍ଟ୍ରେଟଙ୍କ ରାୟ ଅନୁସାରେ ସେହି କ୍ଷେତ୍ରର ଅଧିବାସୀମାନଙ୍କର ସମ୍ବଳ ଦୃଷ୍ଟିରୁ କରାଯିବ ।

(5) ସେହି ଅଧିବାସୀମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ ବା ଶ୍ରେଣୀ ବା ଗୋଷ୍ଠୀକୁ ସେହି ଖର୍ଚ୍ଚର ଅଂଶ ବହନର ଦାୟିତ୍ୱରୁ ଅବ୍ୟାହତି ଦେବା ରାଜ୍ୟ ସରକାରଙ୍କ ପକ୍ଷରେ ବିଧିସମ୍ମତ ହେବ ।

(6) ଏହି ଧାରାର ଉପଧାରା (1) ଅନୁଯାୟୀ ହୋଇଥିବା ପ୍ରତ୍ୟେକ ଉଦ୍‌ଘୋଷଣା କେଉଁ କାଳାବଧି ନିମିତ୍ତ ପ୍ରବୃତ୍ତ ରହିବ, ତାହା ବ୍ୟକ୍ତ କରିବ, ମାତ୍ର ଏହା ଯେକୌଣସି ସମୟରେ ପ୍ରତ୍ୟାହୃତ ହୋଇପାରେ କିମ୍ବା ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ, ଯେଉଁ କାଳାବଧି ବା କାଳାବଧି ଗୁଡ଼ିକ ପର୍ଯ୍ୟନ୍ତ ତାହା ଚାଲୁ ରଖିବା ନିମିତ୍ତ ନିର୍ଦ୍ଦେଶ ଦେବାକୁ ଉପଯୁକ୍ତ ମନେ କରନ୍ତି, ତାହା ସେହି କାଳାବଧି ବା କାଳାବଧି ଗୁଡ଼ିକ ପର୍ଯ୍ୟନ୍ତ ସମୟାନୁକ୍ରମେ ଚାଲୁ ରଖାଯାଇ ପାରେ ।

**ସ୍ପଷ୍ଟୀକରଣ**—ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ, ଯେଉଁ ବ୍ୟକ୍ତିମାନେ ସେହି କ୍ଷେତ୍ର ମଧ୍ୟରେ ନିଜେ ନିଜେ ବା ନିଜ ନିଜର ଏଜେଣ୍ଟ ବା ସେବକ ଦ୍ୱାରା ଭୂମି ବା ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ଅଧିଭୋଗ ବା ଧାରଣ କରୁଥାନ୍ତି, ଏବଂ ଯେଉଁ ଭୂମ୍ୟଧିପତି ନିଜେ ବା ନିଜର ଏଜେଣ୍ଟ ବା ସେବକ ଦ୍ୱାରା ସେହି କ୍ଷେତ୍ରର ରୟତ ବା ଅଧିଭୋଗୀମାନଙ୍କଠାରୁ ଖଜଣା ଅସୁଲ କରୁଥାନ୍ତି, ଯଦିଓ ସେମାନେ ସେଠାରେ ବାସ୍ତବରେ ବାସ କରୁ ନ ଥାନ୍ତି, ସେମାନେ "ଅଧିବାସୀ" ର ଅନ୍ତର୍ଗତ ।

ଅଧିବାସୀମାନଙ୍କର ବା ଭୂମିରେ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କର ଅସଦାଚରଣ ଯୋଗୁ କଷ୍ଟ ପାଉଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ।

**15କ.** (1) ଯେଉଁ କ୍ଷେତ୍ର ସମ୍ପର୍କରେ ଏହାର ପୂର୍ବବର୍ତ୍ତୀ ଧାରା ଅନୁଯାୟୀ ଅଧିସୂଚିତ ଏକ ଉଦ୍‌ଘୋଷଣା ପ୍ରବୃତ୍ତ ଥାଏ, ଯଦି ସେହି କ୍ଷେତ୍ରରେ ତାହାର ଅଧିବାସୀମାନଙ୍କର ବା ତାହାର ଏକ ଶ୍ରେଣୀ ବା ଗୋଷ୍ଠୀର ଅସଦାଚରଣ ଦ୍ୱାରା ବା ଅସଦାଚରଣର ପରିଣାମ ସ୍ୱରୂପ ମୃତ୍ୟୁ ବା ଗୁରୁ ଆହତି କିମ୍ବା ସମ୍ପତ୍ତିର ହାନି ବା ନୋକସାନ ଘଟିଥାଏ, ତାହାହେଲେ ଯେଉଁ ବ୍ୟକ୍ତି, ସେହି କ୍ଷେତ୍ରର ଅଧିବାସୀ ହୋଇଥାନ୍ତି ଏବଂ ସେପରି ଅସଦାଚରଣରୁ କ୍ଷତି ସହିଛନ୍ତି ବୋଲି ଦାବି କରୁଥାନ୍ତି ସେହି ବ୍ୟକ୍ତିଙ୍କ ପକ୍ଷରେ, ଯେଉଁ ତାରିଖରେ କ୍ଷତି ହୋଇଥାଏ ସେହି ତାରିଖଠାରୁ ଏକମାସ ମଧ୍ୟରେ, କିମ୍ବା ବିହିତ ହେବାମତେ ତାଠାରୁ କମ୍ କାଳାବଧି ମଧ୍ୟରେ ସେହି କ୍ଷେତ୍ର ଯେଉଁ ଜିଲା ବା ଉପପ୍ରଭାଗରେ ଅବସ୍ଥିତ ହୋଇଥାଏ, ତାହାର ମାଜିଷ୍ଟ୍ରେଟଙ୍କ ନିକଟକୁ କ୍ଷତିପୂରଣ ନିମିତ୍ତ ଦରଖାସ୍ତ କରିବା ବିଧିସମ୍ମତ ହେବ ।

(2) ପୂର୍ବବର୍ତ୍ତୀ ଧାରା ଅନୁଯାୟୀ ସେହି କୌଣସି ଅତିରିକ୍ତ ପୋଲିସ ବାହିନୀ ମୁତୟନ ହୋଇଥାଉ ବା ନ ଥାଉ ଏହା ପରେ ଜିଲା ମାଜିଷ୍ଟ୍ରେଟଙ୍କ ପକ୍ଷରେ, ସେ ଆବଶ୍ୟକ ବିବେଚନା କରିବାମତେ ତଦନ୍ତ ପରେ, ରାଜ୍ୟ ସରକାରଙ୍କ ମଞ୍ଜୁରିସହ—

(କ) ସେହି ଅସଦାଚରଣ ଯୋଗୁଁ ବା ତାହାର ପରିଣାମ ସ୍ୱରୂପ କେଉଁ ବ୍ୟକ୍ତିମାନେ କ୍ଷତି ସହିଛନ୍ତି, ତାହା ଘୋଷଣା କରିବା ;

(ଖ) ସେହି ବ୍ୟକ୍ତିଙ୍କୁ ଦିଆହେବା କ୍ଷତିପୂରଣର ପରିମାଣ ଏବଂ କେଉଁ ରୀତିରେ ତାହା ସେମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ତାହା ସ୍ଥିର କରିବା; ଏବଂ

(ଗ) ଦରଖାସ୍ତକାରୀଙ୍କ ଭିନ୍ନ ସେହି କ୍ଷେତ୍ରର ଯେଉଁ ଅଧିବାସୀମାନେ ଏହାର ପରବର୍ତ୍ତୀ ଉପଧାରା ଅନୁଯାୟୀ ଖର୍ଚ୍ଚା ବହନ କରିବା ଦାୟିତ୍ୱରୁ ଅବ୍ୟାହତି ପାଇ ନ ଥାଆନ୍ତି ସେମାନଙ୍କ ଦ୍ୱାରା ତାହା କେଉଁ ଅନୁପାତରେ ବହନ କରାଯିବ ତାହା ନିର୍ଦ୍ଧାରିତ କରିବା,

ବିଧିସମ୍ମତ ହେବ :

ପରନ୍ତୁ ସେହି କ୍ଷତି, ସେହି କ୍ଷେତ୍ରରେ ଦଙ୍ଗା ବା ବିଧି ବିରୁଦ୍ଧ ଜନସମାବେଶରୁ ଉଦ୍‌ଭୂତ ହୋଇଛି ବୋଲି ଏବଂ ଯେଉଁ ବ୍ୟକ୍ତି ସେହି କ୍ଷତି ସହିଛନ୍ତି, ସେ ଯେଉଁ ଘଟଣାରୁ ସେହି କ୍ଷତି ହେଲା ସେହି ଘଟଣା ସମ୍ପର୍କରେ ଦୋଷମୁକ୍ତ ବୋଲି ଜିଲ୍ଲା ମାଜିଷ୍ଟ୍ରେଟ ମନେ ନ କଲେ ସେ ଏହି ଉପଧାରା ଅନୁଯାୟୀ କୌଣସି ଘୋଷଣା ବା ନିର୍ଦ୍ଧାରଣ କରିବେ ନାହିଁ ।

(3) ରାଜ୍ୟ ସରକାରଙ୍କ ପକ୍ଷରେ, ଆଦେଶ ଦ୍ୱାରା, ସେହି ଅଧିବାସୀମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ ବା ଶ୍ରେଣୀକୁ ବା ଗୋଷ୍ଠୀକୁ ସେହି କ୍ଷତିପୂରଣର କୌଣସି ଭାଗ ବହନର ଦାୟିତ୍ୱର ଅବ୍ୟାହତି ଦେବା ବିଧିସମ୍ମତ ହେବ ।

(4) ଉପଧାରା (2) ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା କରାଯାଇଥିବା ପ୍ରତ୍ୟେକ ଘୋଷଣା ବା ନିର୍ଦ୍ଧାରଣ ଓ ଦିଆଯାଇଥିବା ପ୍ରତ୍ୟେକ ଆଦେଶ ପ୍ରଭାରୀ ଆୟୋଗୀ ବା ରାଜ୍ୟ ସରକାରଙ୍କ ପୁନରୀକ୍ଷଣର ବଶବର୍ତ୍ତୀ ହେବ, ମାତ୍ର ଉପରେ ଯେପରି ବ୍ୟକ୍ତ ହୋଇଛି ତାହା ବ୍ୟତିରେକେ, ଚୂଡ଼ାନ୍ତ ହେବ ।

(5) ଯେଉଁ କ୍ଷତି ନିମିତ୍ତ ଏହି ଧାରା ଅନୁଯାୟୀ କ୍ଷତିପୂରଣ ଅଧିନିର୍ଣ୍ଣିତ ହୋଇଅଛି ସେହି କ୍ଷତି ସମ୍ପର୍କରେ କୌଣସି ସିଭିଲ୍ ମକଦ୍ଦମା ଚଳିବ ନାହିଁ ।

ସ୍ପଷ୍ଟୀକରଣ—ଏହି ଧାରାରେ "ଅଧିବାସୀ" ଶବ୍ଦର ସେହି ଅର୍ଥ ହେବ ଯାହାକି ଏହାର ପୂର୍ବବର୍ତ୍ତୀ ଧାରାରେ ହୋଇଛି ।

ଧାରା 13,14,15 ଓ 15କ ଅନୁଯାୟୀ ପ୍ରଦେୟ ଧନର ଅସୁଲ ଏବଂ ଅସୁଲ ହେଲେ ତାହାର ନିକାଶ ।

**16.** (1) ଧାରା 13,14, 15 ଓ 15କ ଅନୁଯାୟୀ ପ୍ରଦେୟ ସମସ୍ତ ଧନ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦଣ୍ଡପ୍ରକ୍ରିୟା ସଂହିତା, **1882**ର ଧାରା 386 ଓ 387 ରେ ଜୋରିମାନା ଅସୁଲ ନିମିତ୍ତ ଉପବନ୍ଧିତ ରୀତିରେ ବା କୌଣସି ସକ୍ଷମ ନ୍ୟାୟାଳୟରେ ମକଦ୍ଦମା ଦ୍ୱାରା ଅସୁଲ ଯୋଗ୍ୟ ହେବ ।

* * * *

(3) ଧାରା 15କ ଅନୁଯାୟୀ ଦିଆଯାଇଥିବା ବା ଅସୁଲ କରାଯାଇଥିବା ସମସ୍ତ ଧନ ସେହି ଧାରା ଅନୁଯାୟୀ ଯେଉଁ ବ୍ୟକ୍ତିମାନଙ୍କୁ ଓ ଯେଉଁ ଅନୁପାତରେ ପ୍ରଦେୟ ହୋଇଥାଏ, ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସେହି ବ୍ୟକ୍ତିମାନଙ୍କୁ ସେହି ଅନୁପାତରେ ଦିଆଯିବ ।

ସ୍ୱତନ୍ତ୍ର ପୋଲିସ ଅଧିକାରୀ

**17.** ଯେତେବେଳେ ପ୍ରତୀତ ହୁଏ ଯେ କୌଣସି ବିଧି ବିରୁଦ୍ଧ ଜନସମାବେଶ ଦଙ୍ଗା ବା ଶାନ୍ତି ଭଙ୍ଗ ହୋଇଅଛି, ବା ଯୁକ୍ତି ଯୁକ୍ତ ଭାବେ ଆଶଙ୍କା କରାଯାଉଛି ଏବଂ ଯେଉଁଠାରେ ସେହି ବିଧି ବିରୁଦ୍ଧ ଜନସମାବେଶ ବା ଦଙ୍ଗା ବା ଶାନ୍ତିଭଙ୍ଗ ହୋଇଛି ବା ଆଶଙ୍କା କରାଯାଉଛି ସେଠାରେ ଶାନ୍ତିରକ୍ଷା ନିମିତ୍ତ ସାଧାରଣତଃ ନିୟୋଜିତ ପୋଲିସ ବାହିନୀ ତାହା ରକ୍ଷା କରିବା ନିମିତ୍ତ ଏବଂ ଅଧିବାସୀମାନଙ୍କର ସଂରକ୍ଷଣ, ଓ ସମ୍ପତ୍ତିର ସୁରକ୍ଷା ନିମିତ୍ତ ପର୍ଯ୍ୟାପ୍ତ ନୁହେଁ, ସେତେବେଳେ ନିରୀକ୍ଷକ ପାହ୍ୟାରୁ ଊଣା ପାହ୍ୟାର ହୋଇ ନଥିବା କୌଣସି ପୋଲିସ ଅଧିକାରୀ ମାନଙ୍କ ପକ୍ଷରେ ଆଖପାଖର ଅଧିବାସୀମାନଙ୍କ ମଧ୍ୟରୁ ଯେଉଁ ସଂଖ୍ୟକ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ପୋଲିସ ଅଧିକାରୀ ରୂପେ କାର୍ଯ୍ୟ କରିବାକୁ ସେହି ପୋଲିସ ଅଧିକାରୀ ଆବଶ୍ୟକ କରନ୍ତି ସେହି ସଂଖ୍ୟକ ବ୍ୟକ୍ତିଙ୍କୁ, ସେ ଆବଶ୍ୟକ ବିବେଚନା କରିବା ମତେ ସେହି ସମୟ ନିମିତ୍ତ ଓ ପରିସୀମା ମଧ୍ୟରେ ନିଯୁକ୍ତ କରିବାକୁ, ନିକଟତମ ମାଜିଷ୍ଟ୍ରେଟଙ୍କୁ ଦରଖାସ୍ତ କରିବା ବିଧିସମ୍ମତ ହେବ; ଏବଂ ଯେଉଁ ମାଜିଷ୍ଟ୍ରେଟଙ୍କୁ ଏପରି ଦରଖାସ୍ତ କରାଯାଏ, ସେ ତାହାର ବିରୁଦ୍ଧରେ କାରଣ ନ ଦେଖିଲେ ଦରଖାସ୍ତ ଅନୁଯାୟୀ କାର୍ଯ୍ୟ କରିବେ ।

ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କ କ୍ଷମତା ।

**18.** ଏହି ରୂପେ ନିଯୁକ୍ତ ପ୍ରତ୍ୟେକ ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କର, ସାଧାରଣ ପୋଲିସ ଅଧିକାରୀଙ୍କ ପରି, ସେହି ଏକା କ୍ଷମତା, ସୁବିଧା ଓ ସଂରକ୍ଷଣ ରହିବ, ଏବଂ ସେ ସେହି ଏକା କର୍ତ୍ତବ୍ୟ ପାଳନ କରିବାକୁ ବାଧ୍ୟ ରହିବେ ଏବଂ ସେ ସେହି ଏକା ଶାସ୍ତି ନିମିତ୍ତ ଦାୟୀ ହେବେ ଏବଂ ସେହି ଏକା ପ୍ରାଧିକାରୀଙ୍କର ଅଧସ୍ତନ ରହିବେ ।

ସ୍ୱତନ୍ତ୍ର ପୋଲିସ ଅଧିକାରୀ ରୂପେ ସେବା କରିବାକୁ ଅସ୍ୱୀକାର ।

**19.** ଯଦି କୌଣସି ବ୍ୟକ୍ତି ଉପରୋକ୍ତମତେ ସ୍ୱତନ୍ତ୍ର ପୋଲିସ ଅଧିକାରୀ ରୂପେ ନିଯୁକ୍ତ ହୋଇ ପର୍ଯ୍ୟାପ୍ତ କାରଣ ନ ଥାଇ ସେହି ରୂପେ କାର୍ଯ୍ୟ କରିବାକୁ ଏବଂ ତାଙ୍କର କର୍ତ୍ତବ୍ୟ ପାଳନ ନିମିତ୍ତ ତାଙ୍କୁ ଯେଉଁ ବିଧିସମ୍ମତ ଆଦେଶ ବା ନିର୍ଦ୍ଦେଶ ଦିଆଯାଏ ତାହା ପାଳନ କରିବାରେ ଅବହେଳା କରନ୍ତି ବା ଅସ୍ୱୀକାର କରନ୍ତି, ତାହାହେଲେ ସେ ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେଲେ, ସେପରି ପ୍ରତ୍ୟେକ ଅବହେଳା, ବା ଅସ୍ୱୀକାର ବା ଆଜ୍ଞାଲଙ୍ଘନ ନିମିତ୍ତ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

ପୋଲିସ ଅଧିକାରୀଙ୍କ ଦ୍ୱାରା ପ୍ରୟୋଗକରାଯିବା ପ୍ରାଧିକାର ।

**20.** ଏହି ଅଧିନିୟମ ଅନୁଯାୟୀ ଏବଂ ଦଣ୍ଡ ପ୍ରକ୍ରିୟାର ବିନିୟମନ ନିମିତ୍ତ ଏହାପରେ ଯେଉଁ ଅଧିନିୟମ ପ୍ରଣୀତ ହେବ ସେହି ଅଧିନିୟମ ଅନୁଯାୟୀ ଯେଉଁ ପ୍ରାଧିକାର ଉପବନ୍ଧିତ ହୋଇଥାଏ, ଏହି ଅଧିନିୟମ ଅନୁଯାୟୀ ନାମଭୁକ୍ତ ଜଣେ ପୋଲିସ ଅଧିକାରୀ ସେହି ପ୍ରାଧିକାର ବ୍ୟତୀତ ଅନ୍ୟ କୌଣସି ପ୍ରାଧିକାର ପ୍ରୟୋଗ କରିବେ ନାହିଁ ।

ଗ୍ରାମ ପୋଲିସ ଅଧିକାରୀ

**21.** ଏହି ଅଧିନିୟମରେ ଥିବା କୌଣସି ବିଷୟ କୌଣସି ବଂଶାନୁକ୍ରମିକ ବା ଅନ୍ୟ ଗ୍ରାମ ପୋଲିସ ଅଧିକାରୀଙ୍କୁ ପ୍ରଭାବିତ କରିବ ନାହିଁ, ଯଦି ସେହି ଅଧିକାରୀ ଏହି ଅଧିନିୟମ ଅନୁଯାୟୀ ପୋଲିସ ଅଧିକାରୀ ରୂପେ ନାମଭୁକ୍ତ ହୋଇନଥାନ୍ତି । ଏହିରୂପେ ନାମଭୁକ୍ତ ହେଲେ, ସେହି ଅଧିକାରୀ ଏହାର ପୂର୍ବବର୍ତ୍ତୀ ଧାରାର ଉପବନ୍ଧଗୁଡ଼ିକ ଦ୍ୱାରା ଆବଦ୍ଧ ହେବେ । କୌଣସି ବଂଶାନୁକ୍ରମିକ ବା ଅନ୍ୟଗ୍ରାମ ପୋଲିସ ଅଧିକାରୀ ନିଜର ସମ୍ମତି ବ୍ୟତୀତ ଏବଂ ଯେଉଁମାନଙ୍କର ମନୋନୟନ ଅଧିକାର ଥାଏ ସେମାନଙ୍କର ସମ୍ମତି ବ୍ୟତୀତ ନାମଭୁକ୍ତ ହେବେ ନାହିଁ ।

ଫୋର୍ଟ ଉଇଲିୟମ ପ୍ରେସିଡେନ୍ସିର ପୋଲିସ ଚୌକିଦାର ।

ଯଦି (ବଂଗର ଫୋର୍ଟ ଉଇଲିୟମ ପ୍ରେସିଡେନ୍ସିର ନଗର, ସହର, ଷ୍ଟେସନ, ପଲ୍ଲୀ ଓ ବଜାରରେ ପୋଲିସ ଚୌକିଦାର ନିଯୁକ୍ତି ଓ ଅନୁରକ୍ଷଣ ନିମିତ୍ତ ସୁବ୍ୟବସ୍ଥା କରିବା ନିମିତ୍ତ) 1856ର ଅଧିନିୟମ XX ଅନୁଯାୟୀ ନିଯୁକ୍ତ କୌଣସି ପୋଲିସ ଅଧିକାରୀ, ଯେଉଁ ଜିଲା ନିମିତ୍ତ ସେ ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ ହୋଇ ଥାଆନ୍ତି ସେହି ଜିଲା ବାହାରେ ନିୟୋଜିତ ହୁଅନ୍ତି, ତାଙ୍କୁ ସେହି ଜିଲା ନିମିତ୍ତ ଉକ୍ତ ଅଧିନିୟମ ମୁତାବକ ଉଦ୍‌ଗୃହୀତ ରେଟରୁ ପ୍ରଦାନ କରାଯିବ ନାହିଁ ।

ପୋଲିସ ଅଧିକାରୀମାନେ ସର୍ବଦା କର୍ତ୍ତବ୍ୟରତ ଏବଂ ଜିଲାର ଯେକୌଣସି ଭାଗରେ ନିୟୋଜିତ ହୋଇପାରନ୍ତି ।

**22.** ପ୍ରତ୍ୟେକ ପୋଲିସ ଅଧିକାରୀ, ଏହି ଅଧିନିୟମଭୁକ୍ତ ସମସ୍ତ ଉଦ୍ଦେଶ୍ୟ ନିମିତ୍ତ, ସର୍ବଦା କର୍ତ୍ତବ୍ୟରତ ବୋଲି ବିବେଚିତ ହେବେ, ଏବଂ ଯେ କୌଣସି ସମୟରେ ସାଧାରଣ ପୋଲିସ ଜିଲାର ଯେ-କୌଣସି ଭାଗରେ ଜଣେ ପୋଲିସ ଅଧିକାରୀ ରୂପେ ନିୟୋଜିତ ହୋଇ ପାରିବେ ।

ପୋଲିସ ଅଧିକାରୀଙ୍କ କର୍ତ୍ତବ୍ୟ ।

**23.** ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ପକ୍ଷେ କୌଣସି ସକ୍ଷମ ପ୍ରାଧିକାରୀଙ୍କ ଦ୍ୱାରା ତାଙ୍କୁ ବୈଧଟଃ ଦିଆଯାଇଥିବା ସମସ୍ତ ଆଦେଶ ଓ ଓ୍ୱାରଣ୍ଟ ତୁରନ୍ତ ପାଳନ ଓ ନିଷ୍ପାଦନ କରିବା; ଲୋକ ଶାନ୍ତିକୁ ପ୍ରଭାବିତ କରୁଥିବା ସମ୍ବନ୍ଧୀୟ ଗୁପ୍ତବାର୍ତ୍ତା ସଂଗ୍ରହ ଓ ସଂସୂଚିତ କରିବା; ଅପରାଧ ଓ ଲୋକ ଉପଦ୍ରବ ନିବାରଣ କରିବା; ଅପରାଧୀଙ୍କର ସନ୍ଧାନ କରିବା ଓ ନ୍ୟାୟ ବିଚାର ନିମିତ୍ତ ସେମାନଙ୍କୁ ଆଣିବା ଏବଂ ସେ ଯେଉଁ ବ୍ୟକ୍ତିମାନଙ୍କୁ ଗ୍ରେପ୍ତାର କରିବାକୁ ବିଧିତଃ ପ୍ରାଧିକୃତ ଏବଂ ଯାହାଙ୍କ ଗ୍ରେପ୍ତାର ପାଇଁ ପର୍ଯ୍ୟାପ୍ତ କାରଣ ଥାଏ ସେହି ବ୍ୟକ୍ତିମାନଙ୍କୁ ଧରିବା କର୍ତ୍ତବ୍ୟ ହେବ; ଏବଂ ଏହି ଧାରାରେ ବର୍ଣ୍ଣିତ କୌଣସି ଉଦ୍ଦେଶ୍ୟ ନିମିତ୍ତ କୌଣସି ମଦ ଦୋକାନ, ଦ୍ୟୁତଗୃହ କିମ୍ବା ଅସଂଯତ ଓ ବିଶୃଂଖଳ ବ୍ୟକ୍ତିଙ୍କ ଅନ୍ୟ ଆଡ୍ଡା ଘରେ ଓ୍ୱାରଣ୍ଟ ବିନା ପ୍ରବେଶ କରିବା ଓ ନିରୀକ୍ଷଣ କରିବା ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ପକ୍ଷରେ ବିଧିସମ୍ମତ ହେବ ।

ପୋଲିସ ଅଧିକାରୀମାନେ ସୂଚନା ଆଦି ଦେଇ ପାରିବେ ।

**24.** ଜଣେ ମାଜିଷ୍ଟ୍ରେଟଙ୍କୁ କୌଣସି ସୂଚନା ଦେବା, ଏବଂ ସମନ, ଓ୍ୱାରଣ୍ଟ, ତଲ୍ଲାସ, ଓ୍ୱାରଣ୍ଟ କିମ୍ବା ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିଧିତଃ ଅନ୍ୟ ଯେଉଁ ବୈଧିକ ଆଦେଶିକା ଦିଆଯାଇପାରେ ସେହି ଆଦେଶିକା ନିମିତ୍ତ ଦରଖାସ୍ତ କରିବା କୌଣସି ପୋଲିସ ଅଧିକାରୀଙ୍କ ପକ୍ଷରେ ବିଧିସମ୍ମତ ହେବ ।

ପୋଲିସ ଅଧିକାରୀମାନେ ନାଦାବି ସମ୍ପତ୍ତିର ଭାର ନେବେ ଏବଂ ନିକାଶ ସମ୍ପର୍କରେ ମାଜିଷ୍ଟ୍ରେଟଙ୍କ ଆଦେଶର ବଶବର୍ତ୍ତୀ ହେବେ ।

**25.** ସମସ୍ତ ନାଦାବି ସମ୍ପତ୍ତିର ଭାର ନେବା ଏବଂ ତାହାର ଏକ ତାଲିକା ଜିଲା ମାଜିଷ୍ଟ୍ରେଟଙ୍କୁ ଦେବା ପ୍ରତ୍ୟେକ ପୋଲିସ ଅଧିକାରୀଙ୍କର କର୍ତ୍ତବ୍ୟ ହେବ ।

ପୋଲିସ ଅଧିକାରୀମାନେ ସେହି ସମ୍ପତ୍ତିର ନିକାଶ ସଂପର୍କରେ ଜିଲା ମାଜିଷ୍ଟ୍ରେଟଙ୍କଠାରୁ ଯେଉଁ ଆଦେଶ ପାଇବେ ସେହି ଆଦେଶ ଦ୍ୱାରା ପରିଚାଳିତ ହେବେ ।

ମାଜିଷ୍ଟ୍ରେଟ ସମ୍ପତ୍ତି ଅଟକ କରିପାରିବେ ଓ ଉଦ୍‌ଘୋଷଣା ଜାରି କରି ପାରିବେ ।

**26.** (1) ଜିଲା ମାଜିଷ୍ଟ୍ରେଟ ସେହି ସଂପତ୍ତି ଅଟକ କରି ପାରିବେ ଏବଂ ତହିଁରେ କେଉଁ କେଉଁ ଜିନିଷ ଅଛି ତାହା ବିନିର୍ଦ୍ଦିଷ୍ଟ କରି ଏବଂ ଯେଉଁ ବ୍ୟକ୍ତିଙ୍କର ତହିଁରେ କୌଣସି ଦାବି ଥାଏ ସେହି ବ୍ୟକ୍ତିଙ୍କୁ ଉଦ୍‌ଘୋଷଣା ତାରିଖଠାରୁ ଛଅମାସ ମଧ୍ୟରେ ଉପସ୍ଥିତ ହୋଇ ତାଙ୍କର ଅଧିକାର ସାବ୍ୟସ୍ତ କରିବାକୁ ଆବଶ୍ୟକ କରି ଏକ ଉଦ୍‌ଘୋଷଣା କରିପାରିବେ ।

(2) ଦଣ୍ଡ ପ୍ରକ୍ରିୟା ସଂହିତା, 1882 ର ଧାରା 525 ର ଉପବନ୍ଧଗୁଡ଼ିକ ଏହି ଧାରାରେ ଉଲ୍ଲିଖିତ ସଂପତ୍ତି ପ୍ରତି ପ୍ରଯୋଜ୍ୟ ହେବ ।

କୌଣସି ଦାବୀଦାର ଉପସ୍ଥିତ ନ ହେଲେ ସମ୍ପତ୍ତିର ବାଜ୍ୟାପ୍ତି ।

**27.** (1) ଯଦି କୌଣସି ବ୍ୟକ୍ତି ମଞ୍ଜୁର କରାଯାଇଥିବା କାଳାବଧି ମଧ୍ୟରେ ସେହି ସମ୍ପତ୍ତି, ବା ତାହା ବିକ୍ରୟ ହୋଇଥିଲେ ତାହାର ଆଗମ ଦାବି ନ କରନ୍ତି, ତାହାହେଲେ ସେ ସମ୍ପତ୍ତି ପୂର୍ବବର୍ତ୍ତୀ ଧାରାର ଉପଧାରା (2) ଅନୁଯାୟୀ ବିକ୍ରୟ ହୋଇ ନ ଥିଲେ, ତାହା ଜିଲା ମାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ ବିକ୍ରୟ ହେବ ।

(2) ପୂର୍ବବର୍ତ୍ତୀ ଉପଧାରା ଅନୁଯାୟୀ ବିକ୍ରୟ ହୋଇଥିବା ସମ୍ପତ୍ତିର ଯେଉଁ ବିକ୍ରୟ ଆଗମ ଓ ଧାରା 26 ଅନୁଯାୟୀ ବିକ୍ରୟ ହୋଇଥିବା ସମ୍ପତ୍ତିର ଯେଉଁ ବିକ୍ରୟ ଆଗମ ଲାଗି କୌଣସି ଦାବୀ ସାବ୍ୟସ୍ତହୋଇ ନ ଥାଏ ତାହା ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱାଧୀନ ରହିବ ।

ପୋଲିସ ଅଧିକାରୀ ହେବାରୁ ରହିତ ହୋଇ ପ୍ରମାଣପତ୍ର ଆଦି ପରିଦାନ କରିବାକୁ ମନା କରୁଥିବା ବ୍ୟକ୍ତିମାନେ ।

**28.** ଏହି ଅଧିନିୟମ ଅନୁଯାୟୀ ଜଣେ ନାମଭୁକ୍ତ ପୋଲିସ ଅଧିକାରୀ ହେବାରୁ ରହିତ ହୋଇଥିବା ଯେଉଁ ବ୍ୟକ୍ତି, ତାଙ୍କର ପ୍ରମାଣପତ୍ର, ଏବଂ ଲୁଗାପଟା, ପରିଚ୍ଛଦ, ନିଯୁକ୍ତି ଏବଂ ତାଙ୍କର କର୍ତ୍ତବ୍ୟର ନିଷ୍ପାଦନ ନିମିତ୍ତ ତାଙ୍କୁ ଯୋଗାଇ ଦିଆଯାଇଥିବା ଅନ୍ୟ ଆବଶ୍ୟକ ବସ୍ତୁ ତୁରନ୍ତ ଫେରସ୍ତ ନ କରନ୍ତି, ସେ ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେଲେ ଅନଧିକ ଦୁଇଶହ ଟଙ୍କା ଶାସ୍ତିଧନରେ ବା ଅନଧିକ ଛଅମାସ ସଶ୍ରମ ବା ଅଶ୍ରମ କାରାବାସରେ ଅଥବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

କର୍ତ୍ତବ୍ୟର ଅବହେଳା ଆଦି ନିମିତ୍ତ ଶାସ୍ତି ।

**29.** ପ୍ରତ୍ୟେକ ପୋଲିସ ଅଧିକାରୀ, ଯେ କର୍ତ୍ତବ୍ୟର ଅତିକ୍ରମଣ କରି କିମ୍ବା କୌଣସି ନିୟମ ବା ବିନିୟମ କିମ୍ବା ସକ୍ଷମ ପ୍ରାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା କୌଣସି ବିଧିସମ୍ମତ ଆଦେଶ ଜାଣିଶୁଣି ଭଙ୍ଗ କରି ବା ଅବହେଳା କରି ଦୋଷୀ ହୁଅନ୍ତି, କିମ୍ବା ଯେ ଅନୁମତି ବ୍ୟତୀତ ବା ଦୁଇମାସିଆ ପୂର୍ବ ନୋଟିସ ବ୍ୟତୀତ ତାଙ୍କର ପଦର କର୍ତ୍ତବ୍ୟରୁ ଅପସରି ଯାଆନ୍ତି, କିମ୍ବା ଯେ ଛୁଟିରେ ଯାଇ, ଛୁଟିର ଅବସାନରେ, ଯୁକ୍ତିଯୁକ୍ତ କାରଣ ନ ଥାଇ କର୍ତ୍ତବ୍ୟରେ ଯୋଗ ନ ଦିଅନ୍ତି, କିମ୍ବା ଯେ ତାଙ୍କର ପୋଲିସ କର୍ତ୍ତବ୍ୟ ଭିନ୍ନ ଅନ୍ୟ କୌଣସି ନିୟୋଜନରେ ପ୍ରାଧିକାର ନ ଥାଇ ନିଯୁକ୍ତ ହୁଅନ୍ତି, କିମ୍ବା ଯେ ଭୀରୁ ବୋଲି ଦୋଷୀ ହୁଅନ୍ତି, କିମ୍ବା ଯେ ତାଙ୍କର ଅଭିରକ୍ଷାରେ ଥିବା କୌଣସି ବ୍ୟକ୍ତିଙ୍କୁ ଅଯୁକ୍ତିଯୁକ୍ତ ଦୈହିକ ହିଂସା ପ୍ରଦର୍ଶନ କରନ୍ତି, ସେ ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେଲେ, ଅନଧିକ ତିନିମାସ ବେତନର ଶାସ୍ତିଧନରେ, ବା ଅନଧିକ ତିନିମାସ ସଶ୍ରମ ବା ଅଶ୍ରମ କାରାବାସରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ ।

ଜନସମାବେଶ ଓ ଶୋଭାଯାତ୍ରାର ବିନିୟମନ ଓ ସେଗୁଡ଼ିକର ଲାଇସେନ୍‌ସ କରଣ ।

**30.** (1) ଜିଲା ପୋଲିସ ଅଧୀକ୍ଷକ ବା ସହାୟକ ଜିଲା ପୋଲିସ ଅଧୀକ୍ଷକ ଆବଶ୍ୟକ ସ୍ଥଳେ, ସର୍ବସାଧାରଣ ସଡ଼କ, ସର୍ବସାଧାରଣ ରାସ୍ତା ବା ବାଟରେ ସମସ୍ତ ଜନସମାବେଶ ଓ ଶୋଭାଯାତ୍ରାର ସଂଚାଳନ ନିର୍ଦ୍ଦେଶିତ କରିପାରିବେ, ଏବଂ କେଉଁ ମାର୍ଗରେ ଓ କେଉଁ ସମୟରେ ଶୋଭାଯାତ୍ରା ଯିବ ତାହା ବିହିତ କରିପାରିବେ ।

(2) ଯଦି ତାଙ୍କର ହୃଦବୋଧ ହୁଏ ଯେ ସେପରି କୌଣସି ସଡ଼କ, ରାସ୍ତା ବା ବାଟରେ ଏକ ଜନସମାବେଶ ସଂଯୋଜିତ କରିବାକୁ ବା ଏକତ୍ରିତ କରିବାକୁ କିଂବା ଏକ ଶୋଭାଯାତ୍ରା କରିବାକୁ କୌଣସି ବ୍ୟକ୍ତିଙ୍କର ବା କୌଣସି ଶ୍ରେଣୀର ବ୍ୟକ୍ତିମାନଙ୍କର ଅଭିପ୍ରାୟ ଅଛି, ଯାହାକି, ଜିଲାର ବା ଉପପ୍ରଭାଗର ମାଜିଷ୍ଟ୍ରେଟଙ୍କ ମତରେ, ଅନିୟନ୍ତ୍ରିତ ହେଲେ, ଶାନ୍ତି ଭଙ୍ଗ ହେବାର ସମ୍ଭାବନା ରହିଛି, ତାହାହେଲେ ସେ, ସେହି ଜନସମାବେଶକୁ ଆହୂତ ବା ଏକତ୍ରିତ କରୁଥିବା କିମ୍ବା ସେହି ଶୋଭାଯାତ୍ରାକୁ ନିର୍ଦ୍ଦେଶିତ କରୁଥିବା ବା ଅଗ୍ରସର କରାଉଥିବା ବ୍ୟକ୍ତିମାନଙ୍କୁ ଏକ ଲାଇସେନ୍‌ସ ନିମିତ୍ତ ଦରଖାସ୍ତ କରିବାକୁ ମଧ୍ୟ ସାଧାରଣ ବା ସ୍ୱତନ୍ତ୍ର ନୋଟିସ ଦ୍ୱାରା ଆବଶ୍ୟକ କରିପାରିବେ ।

(3) ସେପରି ଦରଖାସ୍ତ କରାଗଲେ, ସେ ଲାଇସେନ୍ସ ଗ୍ରହୀତାମାନଙ୍କର ନାମ ବିନିର୍ଦ୍ଦିଷ୍ଟ କରି ଏବଂ କେଉଁ ସର୍ତ୍ତରେ ସେହି ଜନସମାବେଶ ବା ଶୋଭାଯାତ୍ରା ହେବାକୁ ଅନୁମତି ଦିଆଯିବ ସେହି ସର୍ତ୍ତ ନିର୍ଦ୍ଦିଷ୍ଟ କରି ଏବଂ ଅନ୍ୟଥା ଏହି ଧାରାକୁ କାର୍ଯ୍ୟକାରୀ କରି ଲାଇସେନ୍ସ ଦେଇପାରିବେ : ପରନ୍ତୁ ଏହି ଲାଇସେନ୍ସର ଦରଖାସ୍ତ, ବା ମଂଜୁରି ନିମିତ୍ତ କୌଣସି ଫିସ୍ ପଡ଼ିବ ନାହିଁ ।

ରାସ୍ତାରେ ସଙ୍ଗୀତ

(4) ସେ ମଧ୍ୟ, ପର୍ବପର୍ବାଣୀରେ ଓ ଉତ୍ସବରେ ରାସ୍ତାରେ ଯେତିକି ସଙ୍ଗୀତ ବ୍ୟବହୃତ ହୋଇପାରେ ତାହା ବିନିମିୟତ କରିପାରିବେ ।

ଲାଇସେନସର ସର୍ତ୍ତ ଅତିକ୍ରମ କରୁଥିବା ଜନସମାବେଶ ବା ଶୋଭାଯାତ୍ରା ସମ୍ପର୍କରେ କ୍ଷମତା ।

30କ. (1) କୌଣସି ମାଜିଷ୍ଟ୍ରେଟ ବା ଜିଲା ପୋଲିସ ଅଧୀକ୍ଷକ ବା ସହାୟକ ଜିଲା ପୋଲିସ ଅଧୀକ୍ଷକ ବା ପୋଲିସ ନିରୀକ୍ଷକ କିମ୍ବା ଏକ ଥାନାର ଦାୟିତ୍ୱରେ ଥିବା କୌଣସି ପୋଲିସ ଅଧିକାରୀ ପୂର୍ବବର୍ତ୍ତୀ ଧାରା ଅନୁଯାୟୀ ଦିଆଯାଇଥିବା ଲାଇସେନ୍ସର ସର୍ତ୍ତ ଅତିକ୍ରମ କରୁଥିବା କୌଣସି ଶୋଭାଯାତ୍ରାକୁ ବନ୍ଦ କରିପାରିବେ, ଏବଂ ତାହାକୁ ବା ଉପରୋକ୍ତ କୌଣସି ସର୍ତ୍ତ ଅତିକ୍ରମ କରୁଥିବା ଜନସମାବେଶକୁ ଛତ୍ରଭଙ୍ଗ କରିବାକୁ ଆଦେଶ ଦେଇପାରିବେ ।

(2) ଯେଉଁ ଶୋଭାଯାତ୍ରା ବା ଜନସମାବେଶ ପୂର୍ବବର୍ତ୍ତୀ ଉପଧାରା ଅନୁଯାୟୀ ଦିଆଯାଇଥିବା ଆଦେଶ ପାଳନ କରିବାକୁ ଅବହେଳା କରେ ବା ଅମାନ୍ୟ କରେ ତାହା ଏକ ବିଧିବିରୁଦ୍ଧ ଜନସମାବେଶ ବୋଲି ବିବେଚିତ ହେବ ।

ପୋଲିସ ସର୍ବସାଧାରଣ ସଡ଼କ ଆଦିରେ ଶୃଙ୍ଖଳା ରଖିବେ ।

31. ସର୍ବସାଧାରଣ ସଡ଼କ ଉପରେ, ଏବଂ ସର୍ବସାଧାରଣ ରାସ୍ତା, ବାଟ, ଘାଟ ଓ ଅବତରଣ ସ୍ଥାନରେ ଏବଂ ଅନ୍ୟ ସମସ୍ତ ସାର୍ବଜନିକ ସମାଗମ ସ୍ଥଳରେ ଶୃଙ୍ଖଳା ରକ୍ଷା କରିବା, ଏବଂ ସର୍ବସାଧାରଣ ସଡ଼କ ଉପରେ ଓ ସର୍ବସାଧାରଣ ରାସ୍ତାରେ ବା ସାର୍ବଜନୀନ ଉପାସନା ସମୟରେ ଉପାସନା ସ୍ଥାନର ଆଖପାଖରେ, ଏବଂ ଯେତେବେଳେ କୌଣସି ସଡ଼କ, ରାସ୍ତା, ବାଟ, ଘାଟ ବା ଅବତରଣ ସ୍ଥାନ ଗହଳି ହୋଇପାରେ ବା ବାଧାପ୍ରାପ୍ତ ହୋଇପାରେ ସେତେବେଳେ, ଶୃଙ୍ଖଳା ରକ୍ଷା କରିବା ପୋଲିସର କର୍ତ୍ତବ୍ୟ ହେବ ।

ପୂର୍ବ ତିନିଧାରା ଅନୁଯାୟୀ ଦିଆଯାଇଥିବା ଆଦେଶ ଇତ୍ୟାଦି ଅମାନ୍ୟ କରୁଥିବା ନିମିତ୍ତ ଶାସ୍ତି ।

32. ପୂର୍ବବର୍ତ୍ତୀ ତିନିଧାରା ଅନୁଯାୟୀ ଦିଆଯାଉଥିବା ଆଦେଶକୁ ବିରୋଧ କରୁଥିବା ବା ମାନୁ ନଥିବା କିମ୍ବା ସଙ୍ଗୀତର ବ୍ୟବହାର ନିମିତ୍ତ ବା ଜନସମାବେଶ ବା ଶୋଭାଯାତ୍ରାର ସଞ୍ଚାଳନ ନିମିତ୍ତ ଜିଲା ପୋଲିସ ଅଧୀକ୍ଷକ ବା ସହାୟକ ଜିଲା ପୋଲିସ ଅଧୀକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଲାଇସେନ୍ସର ସର୍ତ୍ତ ଅତିକ୍ରମ କରୁଥିବା ପ୍ରତ୍ୟେକ ବ୍ୟକ୍ତି, ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେଲେ ଅନଧିକ ଦୁଇଶହ ଟଙ୍କା ଜୋରିମାନାରେ ଦଣ୍ଡିତ ହେବାକୁ ଦାୟୀ ହେବେ ।

ଜିଲା ମାଜିଷ୍ଟ୍ରେଟଙ୍କ ନିୟନ୍ତ୍ରଣର ବ୍ୟାବୃତ୍ତି ।

33. ପୂର୍ବବର୍ତ୍ତୀ ଚାରିଟି ଧାରାରେ ଥିବା କୌଣସି ବିଷୟ ତହିଁରେ ଉଲ୍ଲିଖିତ ବିଷୟ ଉପରେ ଜିଲା ମାଜିଷ୍ଟ୍ରେଟଙ୍କର ଥିବା ସାଧାରଣ ନିୟନ୍ତ୍ରଣରେ ହସ୍ତକ୍ଷେପ କରୁଛି ବୋଲି ବିବେଚିତ ହେବ ନାହିଁ ।

ସଡ଼କ ଇତ୍ୟାଦି ଉପରେ କେତେକ ଅପରାଧ ନିମିତ୍ତ ଦଣ୍ଡ ।

34. ଏହି ଧାରାଟି ଯେଉଁ ସହରକୁ ରାଜ୍ୟ ସରକାରଙ୍କଦ୍ୱାରା ବିଶେଷଭାବେ ବିସ୍ତାରିତ ହୋଇଥାଏ ସେହି ସହରର ପରିସୀମା ମଧ୍ୟରେ କୌଣସି ସଡ଼କ ଉପରେ ବା କୌଣସି ଖୋଲାସ୍ଥାନରେ ବା ରାସ୍ତାରେ ବା ବାଟରେ ଯେଉଁ ବ୍ୟକ୍ତି ବାସିନ୍ଦା ବା ପଥଚାରୀଙ୍କ ବାଧା, ଅସୁବିଧା, ବିରକ୍ତି କ୍ଷତିଭୟ, ବିପଦ ବା ନୋକସାନକରି ନିମ୍ନଲିଖିତ କୌଣସି ଅପରାଧ କରନ୍ତି, ସେ, ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେଲେ ଅନଧିକ ପଚାଶ ଟଙ୍କା ଜୋରିମାନାରେ, ବା ଅନଧିକ ଆଠଦିନ ସଶ୍ରମ ବା ଅଶ୍ରମ କାରାବାସରେ ଦଣ୍ଡିତ ହେବାକୁ ଦାୟୀ ହେବେ, ଏବଂ କୌଣସି ପୋଲିସ ଅଧିକାରୀଙ୍କ ନଜରରେ ଯେଉଁ ବ୍ୟକ୍ତି ସେପରି କୌଣସି ଅପରାଧ କରନ୍ତି ତାଙ୍କୁ ବିନା ୱାରେଣ୍ଟରେ ଗିରଫ କରିବା ସେହି ପୋଲିସ ଅଧିକାରୀଙ୍କ ପକ୍ଷରେ ବିଧିସମ୍ମତ ହେବ, ଯଥା:—

ପୋଲିସ ଅଫିସରଙ୍କ କ୍ଷମତା

ଗବାଦି ପଶୁ ବଧ; କୋପାନ୍ଧ ଅଶ୍ୱାରୋହଣ ଇତ୍ୟାଦି ।

ପ୍ରଥମ—ଯେଉଁ ବ୍ୟକ୍ତି ଗବାଦିପଶୁ ବଧ କରନ୍ତି ବା ମଢ କେଳାନ୍ତି; ଯେଉଁ ବ୍ୟକ୍ତି ବେପରବାୟ ବା କୋପାନ୍ଧ ଭାବରେ କୌଣସି ଗବାଦି ପଶୁକୁ ଆରୋହଣ କରନ୍ତି ବା ଚଳାନ୍ତି କିମ୍ବା କୌଣସି ଅଶ୍ୱ ବା ଗବାଦି ପଶୁକୁ ତାଲିମ ବା ମଣ କରନ୍ତି:

ଜୀବପ୍ରତି ନିଷ୍ଠୁରତା

ଦ୍ୱିତୀୟ—ଯେଉଁ ବ୍ୟକ୍ତି କୌଣସି ଜୀବକୁ ସ୍ୱୈରାଚାରୀ ବା ନିଷ୍ଠୁର ଭାବରେ ବାଡ଼ାନ୍ତି, ଦୁରୁପଯୋଗ କରନ୍ତି ବା ଯାତନା ଦିଅନ୍ତି :

ଯାତ୍ରୀମାନଙ୍କର ବାଧା ସୃଷ୍ଟ କରିବା

ତୃତୀୟ—ଯେଉଁ ବ୍ୟକ୍ତି ଜିନିଷ ବୋଝାଇ ବା ଖଲାସ ନିମିତ୍ତ ବା ଯାତ୍ରୀଙ୍କୁ ଉଠାଇବା ବା ଓହ୍ଲାଇବା ନିମିତ୍ତ ଯେତିକି ସମୟ ଆବଶ୍ୟକ ତାଠାରୁ ଅଧିକ ସମୟ କୌଣସି ଗବାଦି ପଶୁ ବା ଯାନବାହନ ଠିଆ କରାଇ ରଖନ୍ତି, ବା ଯେଉଁ ବ୍ୟକ୍ତି ସର୍ବସାଧାରଣଙ୍କର ଅସୁବିଧା ବା ବିପଦ ସୃଷ୍ଟି କରିବାପରି କୌଣସି ଯାନବାହନ ରଖନ୍ତି :

ବିକ୍ରୟ ନିମିତ୍ତ ମାଲ ପ୍ରଦର୍ଶନ

ଚତୁର୍ଥ—ଯେଉଁ ବ୍ୟକ୍ତି ବିକ୍ରୟ ନିମିତ୍ତ କୌଣସି ମାଲ ପ୍ରଦର୍ଶିତ କରନ୍ତି:

ରାସ୍ତାକୁ ମଇଳା ଫୋପାଡ଼ିବା ।

ପଞ୍ଚମ— ଯେଉଁ ବ୍ୟକ୍ତି କୌଣସି ମଇଳା, ଅସନା ଜିନିଷ, ଆବର୍ଜନା କିମ୍ବା ପଥର ବା ଘରତିଆରି ଜିନିଷ ଫୋପାଡ଼ନ୍ତି ବା ଥୁଅନ୍ତି ବା ଯେଉଁ ବ୍ୟକ୍ତି ଗୁହାଳ, ଘୋଡ଼ାଶାଳ ବା ସେହିପରି କିଛି ନିର୍ମାଣ କରନ୍ତି, ବା ଯେଉଁ ବ୍ୟକ୍ତି କୌଣସି ଗୃହ, କାରଖାନା, ଗୋବରଗଦା ବା ସେହିପରି କୌଣସି ଜାଗାରୁ ଘୃଣାଜନକ ଜିନିଷ ବହି ଯିବାକୁ ଦିଅନ୍ତି:

ମତ୍ତ ବା ଦଙ୍ଗାକାରୀ ଅବସ୍ଥାରେ ଦେଖାଯିବା ।

ଷଷ୍ଠ—ଯେଉଁ ବ୍ୟକ୍ତି ମତ୍ତ ବା ଦଙ୍ଗାକାରୀ ଅବସ୍ଥାରେ ବା ଯେଉଁ ବ୍ୟକ୍ତି ନିଜକୁ ସମ୍ଭାଳିବାକୁ ଅସମର୍ଥ ଥିବା ଅବସ୍ଥାରେ ଦେଖାଯାନ୍ତି :

ଶରୀରର ଅଶ୍ଳୀଳ ପ୍ରଦର୍ଶନ

ସପ୍ତମ—ଯେଉଁ ବ୍ୟକ୍ତି ଜାଣିଶୁଣି ଓ ଅଶ୍ଳୀଳ ଭାବରେ ନିଜ ଶରୀରକୁ ବା ଯେକୌଣସି ଅପ୍ରୀତିକର କୁରୂପତାକୁ ବା ରୋଗକୁ ଅଭିଦର୍ଶିତ କରନ୍ତି ଅଥବା ଝାଡ଼ା ଫେରିବା ବା ଗାଧୋଇବା ବା ଧୁଆଧୋଇ ହେବା ପାଇଁ ଅଲଗା ରଖା ଯାଇନଥିବା ଯେକୌଣସି ପୋଖରୀ ବା ଜଳାଶୟରେ ସେପରି କାର୍ଯ୍ୟକରି ଉପଦ୍ରବ କରନ୍ତି ।

ବିପଜ୍ଜନକ ସ୍ଥାନକୁ ସଂରକ୍ଷିତ କରିବାରେ ଅବହେଳା ।

ଅଷ୍ଟମ—ଯେଉଁ ବ୍ୟକ୍ତି କୌଣସି କୂଅ, ପୋଖରୀ ବା ଅନ୍ୟ ବିପଜ୍ଜନକ ସ୍ଥାନ ବା ଗଡ଼ଣକୁ ବାଡ଼ଘେର ଦେବାରେ ବା ସମ୍ୟକ୍ ସଂରକ୍ଷିତ କରିବାରେ ଅବହେଳା କରନ୍ତି ।

ଅଧିକାରିତା

**35**. ଏହି ଅଧିନିୟମ ଅନୁଯାୟୀ କନ୍‌ଷ୍ଟେବଲ ପାହ୍ୟାରୁ ଊର୍ଦ୍ଧ୍ୱ ଜଣେ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଦୋଷାରୋପ ହେଲେ ଜଣେ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରୟୋଗ କରୁଥିବା କୌଣସି ଅଧିକାରୀଙ୍କ ଦ୍ୱାରା ହିଁ ତାହା ତଦନ୍ତ ଓ ଅବଧାରିତ ହେବ ।

ଅନ୍ୟ ବିଧି ଅନୁଯାୟୀ ଅଭିଯୋଜିତ କରିବାର କ୍ଷମତା ପ୍ରଭାବିତ ହେବନାହିଁ ।

**36**. ଏହି ଅଧିନିୟମରେ ଥିବା କୌଣସି ବିଷୟ କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ ହୋଇଥିବା କୌଣସି ଅପରାଧ ନିମିତ୍ତ କୌଣସି ଅନ୍ୟ ବିନିୟମ ବା ଅଧିନିୟମ ଅନୁଯାୟୀ ଅଭିଯୋଜିତ ହେବାକୁ, କିମ୍ବା ଏହି ଅଧିନିୟମରେ ଏହି ଅପରାଧ ନିମିତ୍ତ ଉପବନ୍ଧିତ ଶାସ୍ତିଧନ ବା ଦଣ୍ଡ ଛଡ଼ା କୌଣସି ଅନ୍ୟ ବିନିୟମ ବା ଅଧିନିୟମ ଅନୁଯାୟୀ କୌଣସି ଅନ୍ୟ ବା ଉଚ୍ଚତର ଶାସ୍ତିଧନ ବା ଦଣ୍ଡ ଲାଗି ଦାୟୀ ହେବାକୁ ନିବାରିତ କରୁଛି ବୋଲି ଅର୍ଥ କରାଯିବନାହିଁ :

ପରନ୍ତୁକ

ପରନ୍ତୁ କୌଣସିବ୍ୟକ୍ତି ସେହି ଏକ ଅପରାଧ ନିମିତ୍ତ ଦୁଇଥର ଦଣ୍ଡିତ ହେବେନାହିଁ ।

ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଧିରୋପିତ ଶାସ୍ତିଧନ ଓ ଜୋରିମାନାର ଅସୁଲ ।

**37**. ଭାରତୀୟ ଦଣ୍ଡ ସଂହିତାର 64ରୁ 70, ଉଭୟ ସମେତ, ଧାରାଗୁଡ଼ିକର, ଏବଂ ଦଣ୍ଡ ପ୍ରକ୍ରିୟା ସଂହିତା 1882ର 386ରୁ 389, ଉଭୟ ସମେତ, ଧାରାଗୁଡ଼ିକର ଜୋରିମାନା ବିଷୟକ ଉପବନ୍ଧମାନ ମାଜିଷ୍ଟ୍ରେଟଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହେବାପରେ ଏହି ଅଧିନିୟମ ଅନୁଯାୟୀ ଆରୋପିତ ଶାସ୍ତିଧନ ଓ ଜୋରିମାନା ପ୍ରତି ପ୍ରଯୋଜ୍ୟ ହେବ:

ପରନ୍ତୁ ପ୍ରଥମୋକ୍ତ ସଂହିତାର ଧାରା 65ରେ ଯେ କୌଣସି ବିଷୟ ଥିବା ସତ୍ତ୍ୱେ, ଏହି ଅଧିନିୟମର ଧାରା 34 ଅନୁଯାୟୀ ଜୋରିମାନାରେ ଦଣ୍ଡାଦିଷ୍ଟ କୌଣସି ବ୍ୟକ୍ତି, ଉକ୍ତ ଜୋରିମାନା ଦେବାରେ ତ୍ରୁଟିକଲେ ଅନଧିକ ଆଠଦିନ କାଳାବଧିପାଇଁ କାରାଦଣ୍ଡରେ ଦଣ୍ଡିତ ହୋଇ ପାରିବେ ।

**38**. ନିରସିତ

**39**. ନିରସିତ

**40**- ନିରସିତ

**41**. ନିରସିତ

କାର୍ଯ୍ୟାନୁଷ୍ଠାନର ପରିସୀମା

**42.** ❋ [ଏହି ଅଧିନିୟମର ଉପବନ୍ଧମାନ ଅନୁଯାୟୀ ବା ଏତଦ୍ଦ୍ୱାରା ଅର୍ପିତ ସାଧାରଣ ପୋଲିସ କ୍ଷମତା ଅନୁଯାୟୀ କରାଯାଇଥିବା ବା କରିବାଲାଗି ଅଭିପ୍ରେତଥିବା କୌଣସି କଥାଲାଗି କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଯେଉଁ ସବୁ କାର୍ଯ୍ୟାନୁଷ୍ଠାନ ଓ ଅଭିଯୋଜନ ବିଧିତଃ କରାଯାଇପାରିବ ତାହା ଅଭିଯୋଗଜନକ କାର୍ଯ୍ୟ ଘଟିବାର ତିନିମାସ ମଧ୍ୟରେ ଆରମ୍ଭ ହେବ କିନ୍ତୁ ଅନ୍ୟଥା ହେବ ନାହିଁ]; ଏବଂ ସେହି କାର୍ଯ୍ୟାନୁଷ୍ଠାନ ଓ ତାହାର କାରଣ ସମ୍ପର୍କରେ ଲିଖିତ ନୋଟିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର ଅନ୍ତତଃ ଏକମାସ ପୂର୍ବରୁ ପ୍ରତିବାଦୀଙ୍କୁ, ବା ଯେଉଁ ଜିଲାରେ କାର୍ଯ୍ୟ ଘଟିଥାଏ ସେହି ଜିଲାର ଜିଲା ଅଧୀକ୍ଷକ ବା କୌଣସି ସହାୟକ ଜିଲା ଅଧୀକ୍ଷକଙ୍କୁ ଦିଆଯିବ ।

ପ୍ରତିବିଧାନ ଅର୍ପଣ

ଯଦି ପ୍ରତିବାଦୀଙ୍କ ଦ୍ୱାରା ବା ତରଫରୁ କାର୍ଯ୍ୟାନୁଷ୍ଠାନ ଅଣାଯିବା ପୂର୍ବରୁ ପର୍ଯ୍ୟାପ୍ତ ପ୍ରତିବିଧାନ କରାଯାଇଥାଏ ବା କାର୍ଯ୍ୟାନୁଷ୍ଠାନ ଅଣାଯିବାପରେ ନ୍ୟାୟାଳୟରେ ପର୍ଯ୍ୟାପ୍ତ ଧନ ଦିଆଯାଇଥାଏ, ବାଦୀ ସେପରି କାର୍ଯ୍ୟାନୁଷ୍ଠାନରେ ତାହା ଅସୁଲ କରିବେ ନାହିଁ, ଏବଂ ଯଦିଓ ସେପରି କାର୍ଯ୍ୟାନୁଷ୍ଠାନରେ ସେହି ବାଦୀ ଡ଼ିକ୍ରି ପାଆନ୍ତି, ତଥାପି ଯେଉଁ ନ୍ୟାୟାଧୀଶଙ୍କ ନିକଟରେ ବିଚାରଣା ହେଉଥାଏ ସେହି ନ୍ୟାୟାଧୀଶ ସେହି କାର୍ଯ୍ୟ ସମ୍ପର୍କରେ ତାଙ୍କର ଅନୁମୋଦନ ପ୍ରମାଣୀକୃତ ନ କଲେ, ସେହି ବାଦୀ ପ୍ରତିବାଦୀଙ୍କ ବିପକ୍ଷରେ ଖର୍ଚ୍ଚ ପାଇବେ ନାହିଁ :

ପରନ୍ତୁକ

ପରନ୍ତୁ ଯେଉଁ ସ୍ଥଳେ ସେହି ଅଧିକାରୀମାନେ ସେହି କାର୍ଯ୍ୟ ନିମିତ୍ତ ଅପରାଧୀଭାବରେ ଅଭିଯୋଜିତ ହୋଇଥାନ୍ତି ସେଠାରେ କୌଣସି କାର୍ଯ୍ୟାନୁଷ୍ଠାନ ଚଳିବ ନାହିଁ ।

ଓ୍ୱାରଣ୍ଟ ଅନୁଯାୟୀ କାର୍ଯ୍ୟ କରାଯାଇଥିଲା ବୋଲି ଅଭିବଚନ ।

**43.** ଯେତେବେଳେ କୌଣସି ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ, ପୋଲିସ ଅଧିକାରୀ କ୍ଷମତାରେ ସେ କରିଥିବା କୌଣସି କାର୍ଯ୍ୟ ନିମିତ୍ତ, କୌଣସି କାର୍ଯ୍ୟାନୁଷ୍ଠାନ ବା ଅଭିଯୋଜନ ଅଣାଯାଏ ବା କାର୍ଯ୍ୟବିଧି କରାଯାଏ, ସେତେବେଳେ ସେହି କାର୍ଯ୍ୟ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ଓ୍ୱାରଣ୍ଟର ପ୍ରାଧିକାର ଅନୁଯାୟୀ ତାଙ୍କ ଦ୍ୱାରା କରାଯାଇଥିଲା ବୋଲି ଅଭିବଚନ କରିବା ତାଙ୍କ ପକ୍ଷରେ ବିଧିସମ୍ମତ ହେବ ।

ସେହି ଅଭିବଚନ ସେହି କାର୍ଯ୍ୟ ନିର୍ଦ୍ଦେଶିତ କରୁଥିବା, ଏବଂ ସେହି ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରରେ ଦିଆଯାଇଥିବାର ପ୍ରତୀତ ହେଉଥିବା ଓ୍ୱାରଣ୍ଟ ପେଶ କରାଯାଇ ପ୍ରମାଣ କରାଯିବ, ଏବଂ ତା'ପରେ ସେହି ମାଜିଷ୍ଟ୍ରେଟଙ୍କ ଅଧିକାରିତାରେ କୌଣସି ତ୍ରୁଟି ଥିବା ସତ୍ତ୍ୱେ, ପ୍ରତିବାଦୀ ତାଙ୍କ ସପକ୍ଷରେ ଡ଼ିକ୍ରୀ ପାଇବାକୁ ହକ୍‌ଦାର ହେବେ । ନ୍ୟାୟାଳୟ ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରକୁ ସନ୍ଦେହ କରିବାଲାଗି କାରଣ ନ ଦେଖିଲେ ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରର ପ୍ରମାଣ ଆବଶ୍ୟକ ହେବ ନାହିଁ :

ପରନ୍ତୁକ

ପରନ୍ତୁ ସେହି ଓ୍ୱାରଣ୍ଟ ଦେଉଥିବା ପ୍ରାଧିକାରୀଙ୍କ ବିରୁଦ୍ଧରେ ପକ୍ଷଙ୍କର ଯେଉଁ ପ୍ରତିକାର ଥାଇପାରେ ତାହା ଏହି ଧାରାରେ ଥିବା କୌଣସି ବିଷୟ ପ୍ରଭାବିତ କରିବ ନାହିଁ ।

ପୋଲିସ ଅଧିକାରୀମାନେ ଡାଇରି ରଖିବେ ।

**44.** ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ, ବିହିତ କରାଯିବା ଫାରମରେ ଏକ ସାଧାରଣ ଡ଼ାଇରି ରଖିବା ଏବଂ ତହିଁରେ କରାଯାଇଥିବା ସମସ୍ତ ଫରିଆଦ ଓ ଦୋଷାରୋପ, ଗିରଫ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କ ନାମ, ଫରିଆଦୀମାନଙ୍କ ନାମ, ସେମାନଙ୍କ ବିରୁଦ୍ଧରେ ଆରୋପ କରାଯାଇଥିବା ଅପରାଧ, ସେମାନଙ୍କ ଦଖଲରୁ ବା ଅନ୍ୟଥା ନିଆଯାଇଥିବା ଆୟୁଧ ବା ସମ୍ପତ୍ତି ଏବଂ ଯେଉଁ ସାକ୍ଷୀମାନଙ୍କୁ ପରୀକ୍ଷା କରାଯାଇଥାଏ ସେହି ସାକ୍ଷୀମାନଙ୍କ ନାମ ଅଭିଲିଖିତ କରିବା ଏକ ପୋଲିସ ଥାନାର ଦାୟିତ୍ୱରେ ଥିବା ପ୍ରତ୍ୟେକ ଅଧିକାରୀଙ୍କର କର୍ତ୍ତବ୍ୟ ହେବ ।

ଜିଲା ମାଜିଷ୍ଟ୍ରେଟ ସେହି ଡାଇରି ମଗାଇପାରିବେ ଓ ନିରୀକ୍ଷଣ କରିପାରିବେ ।

ରାଜ୍ୟ ସରକାର ରିଟର୍ଣ୍ଣର ଫାରମ ବିହିତ କରିପାରିବେ ।

**45.** ରାଜ୍ୟ ସରକାର ଯେଉଁ ବିଷୟରେ ମହାନିରୀକ୍ଷକ ଓ ଅନ୍ୟ ପୋଲିସ ଅଧିକାରୀମାନେ ରିଟର୍ଣ୍ଣ ଦେବା ଉଚିତ ବୋଲି ବିବେଚନା କରନ୍ତି ସେମାନଙ୍କ ଦ୍ୱାରା ସେହି ରିଟର୍ଣ୍ଣ ଦିଆଯିବା ନିମିତ୍ତ ନିର୍ଦ୍ଦେଶ ଦେଇ ପାରିବେ, ଏବଂ ଯେଉଁ ଫାରମରେ ସେହି ରିଟର୍ଣ୍ଣ ଦିଆଯିବ ସେହି ଫାରମ ବିହିତ କରିପାରିବେ ।

ଅଧିନିୟମର ପରିସର

**46.** (1) ଏହି ଅଧିନିୟମ ତାହାର ନିଜର ପ୍ରବର୍ତ୍ତନ ଦ୍ୱାରା କୌଣସି ପ୍ରେସିଡେନ୍‌ସିରେ, ରାଜ୍ୟରେ ବା ସ୍ଥାନରେ କାର୍ଯ୍ୟକାରୀ ହେବ ନାହିଁ ମାତ୍ର ରାଜ୍ୟ ସରକାର ସରକାରୀ ଗେଜେଟରେ ଆଦେଶ ପ୍ରକାଶିତକରି, ଏହି ଅଧିନିୟମର ସମସ୍ତ ବା କୌଣସି ଭାଗକୁ କୌଣସି ପ୍ରେସିଡେନ୍‌ସି, ରାଜ୍ୟ ବା ସ୍ଥାନକୁ ବିସ୍ତାରିତ କରିପାରିବେ ଏବଂ ସେହି ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବାମତେ ଏହି ଅଧିନିୟମଟି ସଂପୂର୍ଣ୍ଣଭାବେ ବା ତାହାର କୌଣସି ଭାଗ ତାହାପରେ ସେହି ପ୍ରେସିଡେନ୍‌ସି, ରାଜ୍ୟ ବା ସ୍ଥାନରେ କାର୍ଯ୍ୟକାରୀ ହେବ ।

---

* ଧାରା **42**ର ବର୍ଗବନ୍ଧନୀଭୁକ୍ତ ଅଂଶ ମୋକଦ୍ଦମାର ପରିସୀମା ସହ ସଂପୃକ୍ତ ହେବା ପର୍ଯ୍ୟନ୍ତ **1871**ର ଅଧିନିୟମ ସଂ **9**, ଧାରା **2** ଓ ଅନୁସୂଚୀ **I** ଦ୍ୱାରା ନିରସିତ ।

(2) ଯେତେବେଳେ ଏହି ଅଧିନିୟମର ସମସ୍ତ ବା କୌଣସି ଭାଗ ଏହି ରୂପେ ବିସ୍ତାରିତ ହୁଏ, ସେତେବେଳେ ରାଜ୍ୟ ସରକାର:—

(କ) ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ମାଜିଷ୍ଟ୍ରେଟ ଓ ଅନ୍ୟ ପୋଲିସ ଅଧିକାରୀଙ୍କଠାରେ ଆରୋପିତ କର୍ତ୍ତବ୍ୟ ନିର୍ବାହ ନିମିତ୍ତ ସେମାନଙ୍କ ଦ୍ୱାରା ଅନୁସୃତ ହେବା ପ୍ରକ୍ରିୟା ବିନିୟମିତ କରିବାକୁ;

(ଖ) ଯେଉଁ ସମୟ, ରୀତି ଓ ସର୍ତ୍ତ ମଧ୍ୟରେ ଓ ଅନୁଯାୟୀ ଧାରା 15କ ଅନୁଯାୟୀ କ୍ଷତିପୂରଣ ନିମିତ୍ତ ଦାବି କରାଯିବ ସେହି ସମୟ, ରୀତି ଓ ସର୍ତ୍ତ, ସେହି ଦାବିରେ ଅଭିକଥିତ ହେବା ବିବରଣ, ଯେଉଁ ରୀତିରେ ତାହା ସତ୍ୟାପିତ ହେବ ସେହି ରୀତି, ଏବଂ ତାହା ଉପରେ ଯେଉଁ କାର୍ଯ୍ୟବିଧି (ଆବଶ୍ୟକ ହେଲେ ସ୍ଥାନୀୟ ତଦନ୍ତ ସମେତ) ନିଆଯିବ ସେହି କାର୍ଯ୍ୟବିଧି ବିହିତ କରିବାକୁ; ଏବଂ

(ଗ) ସାଧାରଣ ଭବରେ ଏହି ଅଧିନିୟମର ଉପବଂଧଗୁଡ଼ିକ କାର୍ଯ୍ୟକାରୀ କରିବାକୁ, ସମୟାନୁକ୍ରମେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ଏହି ଅଧିନିୟମ ସହିତ ସଙ୍ଗତି ରକ୍ଷାକରି ନିୟମାବଳୀ ପ୍ରଣୟନ କରିପାରିବେ ।

(3) ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ସମସ୍ତ ନିୟମାବଳୀକୁ ସମୟାନୁକ୍ରମେ ରାଜ୍ୟ ସରକାର ସଂଶୋଧନ କରିପାରିବେ, ସେଥିରେ ଯୋଗ କରିପାରିବେ ବା ତାହାକୁ ରଦ୍ଦ କରିପାରିବେ ।

**ଗ୍ରାମ ପୋଲିସ ଉପରେ ଜିଲା ପୋଲିସ ଅଧୀକ୍ଷକଙ୍କ ପ୍ରାଧିକାର ।**

**47.** ରାଜ୍ୟ ସରକାରଙ୍କ ଅଧୀନ ରାଜ୍ୟକ୍ଷେତ୍ରର କୌଣସି ଭଗରେ ଏହି ଅଧିନିୟମକୁ କାର୍ଯ୍ୟକାରୀ କରିବାବେଳେ ପୋଲିସ ଉଦ୍ଦେଶ୍ୟରେ କୌଣସି ଗ୍ରାମ ଚୌକିଦାର ବା ଅନ୍ୟ ଗ୍ରାମ ପୋଲିସ ଅଧିକାରୀଙ୍କ ଉପରେ ଜିଲା ମାଜିଷ୍ଟ୍ରେଟ ଯେଉଁ ପ୍ରାଧିକାର ବର୍ତ୍ତମାନ ପ୍ରୟୋଗ କରୁଛନ୍ତି ବା ପ୍ରୟୋଗ କରି ପାରନ୍ତି ସେହି ପ୍ରାଧିକାର ଜିଲା ମାଜିଷ୍ଟ୍ରେଟଙ୍କ ସାଧାରଣ ନିୟନ୍ତ୍ରଣର ବଶବର୍ତ୍ତୀ ରହି ଜିଲ୍ଲା ପୋଲିସ ଅଧୀକ୍ଷକଙ୍କ ଦ୍ୱାରା ପ୍ରୟୋଗ କରାଯିବ ବୋଲି ଘୋଷଣା କରିବା ରାଜ୍ୟ ସରକାରଙ୍କ ପକ୍ଷେ ବିଧିସମ୍ମତ ହେବ ।

## ଫାରମ

(ଧାରା 8 ଦ୍ରଷ୍ଟବ୍ୟ)

କ, ଖ, 1861ର ଅଧିନିୟମ 5 ଅନୁଯାୟୀ ପୋଲିସ ବାହିନୀର ସଦସ୍ୟ ରୂପେ ନିଯୁକ୍ତ ହୋଇ ଅଛନ୍ତି ଏବଂ ତାଙ୍କଠାରେ ପୋଲିସ ଅଧିକାରୀଙ୍କର କ୍ଷମତା, କୃତ୍ୟ ଓ ସ୍ୱାଧିକାର ନିହିତ ହୋଇଛି ।

New Delhi

Dated

ସଚିବ, ଭାରତ ସରକାର

Secretary to the Government of India

OGP—MP-VI (Law) 8—230—2-4-1992